Bhubaneswar- 25 June 2026
ଭୁବନେଶ୍ୱର- ୨୫ ଜୁନ୍ ୨୦୨୬
Vol- 1 Issue - 59
ଭାଗ- ୧ ସଂଖ୍ୟା- ୫୯
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ ଉଦ୍‌ଘାଟିତ

# ସାମୁଦ୍ରିକ ବାଣିଜ୍ୟ ଓ ସୁରକ୍ଷା ହେଉଛି ପ୍ରଗତିର ପ୍ରବେଶ ପଥ




**ଭୁବନେଶ୍ୱର:** ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ ବୋଲି ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ଏମସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ । ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ 'ସାଗର', 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' ଏବଂ 'କୋଷ୍ଟାଲ

### ପ୍ରଥମଥର ଦିଲ୍ଲୀ ବାହାରେ ଆୟୋଜିତ

ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା , ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର। ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ୍ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

## ରଥଯାତ୍ରାରେ ଦିନରାତି ଚାଲିବ ବସ୍

### ପିପିଲି ଟୋଲ୍ ଗେଟ୍‌ରେ ଦେବାକୁ ପଡ଼ିବନି ଫି

**ଭୁବନେଶ୍ୱର:** ଜୁଲାଇ ୧୬ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଆଉ ମାତ୍ର ଦିନ କେଇଟା ବାକି ରହିଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଗୁଣ୍ଡିଚା ଓ ବାହୁଡ଼ା ଦିନ ଟୋଲ୍ ଫି' ଆଦାୟକୁ ସ୍ଥଗିତ ରଖାଯିବା ନେଇ ଘୋଷଣା କରାଯାଇଛି । ବସ୍ ମାଲିକ ସଂଘ ସା. ସମ୍ପାଦକଙ୍କ କହିବା ଅନୁସାରେ, ପିପିଲି ଟୋଲ୍ ଗେଟ୍‌ରେ କୌଣସି ଯାନକୁ ଫି ଦେବାକୁ ପଡିବ ନାହିଁ । ରଥଯାତ୍ରା ବେଳେ ଲୋକଙ୍କ ଆବଶ୍ୟକତା ଦେଖି ଦିନରାତି ବସ୍ ଚାଲିବ । ମାଳତିପାଟପୁରରେ ବାହାର ଗାଡ଼ି ପାର୍କିଂ କରାଯିବ । ତାଳବଣିଆରେ ସ୍ଥାନୀୟ ଗାଡ଼ି ଓ ସ୍ୱତନ୍ତ୍ର ଅନୁମତି ପ୍ରାପ୍ତ ଗାଡ଼ି ପାର୍କିଂ ହେବ । ରାଜ୍ୟର ପ୍ରାୟ ୬ ଶହ ଓ ବାହାର ରାଜ୍ୟକୁ ମିଶାଇ ହଜାରେ ବସ୍ ଚାଲିବା ନେଇ ସୂଚନା ଦିଆଯାଇଛି । ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚ୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ପୁରୀର ତାଳବଣିଆଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ଏବଂ ବିଦ୍ୟୁତ ସୁବିଧା ଥାଇ ବିଶ୍ରାମ ଗୃହ ନିର୍ମାଣ କରାଯିବ।ଏହା ସହ ନିଃଶୁଳ୍କ ରନ୍ଧା ଖାଦ୍ୟ ପ୍ରଦାନ କରାଯିବ। ସେହିଭଳି ମାଳତୀପାଟପୁରରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥା କରାଯିବ।

### ଓଡ଼ିଶାରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରାମଦାସ ଆଠୱାଲେ

## ଉଚ୍ଚଶିକ୍ଷାରେ ସଂରକ୍ଷଣ ବୃଦ୍ଧି ପ୍ରଶଂସନୀୟ



**ଭୁବନେଶ୍ୱର:** ବୁଧବାର ଦିନିକିଆ ଗସ୍ତରେ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ରାମଦାସ ଆଠୱାଲେ ଓଡ଼ିଶା ଆସି ବିଭିନ୍ନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର ନିକଟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ସି, ଏସ୍‌ଟି ଓଏସ୍‌ଇବିସିଙ୍କ ସଂରକ୍ଷଣ କୋଟା ବୃଦ୍ଧି କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସମୀକ୍ଷା ବୈଠକରେ ଅନୁସୂଚିତ ଜାତି, ଓବିସିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଆଲୋଚନା କରି ଛାତ୍ରବୃତ୍ତି, ଉଚ୍ଚ ଶିକ୍ଷା ଓ ଚାକିରୀରେ ସଂରକ୍ଷଣ ସମ୍ପର୍କରେ ପଚାରିବୁଝିଥିଲେ ରାଷ୍ଟ୍ରମନ୍ତ୍ରୀ । ନିକଟରେ ଅନୁସୂଚିତ ଜନଜାତି ଙ୍କ ସଂରକ୍ଷଣ ହାର ୨୨.୫ % କୁ, ଅନୁସୂଚିତ ଜାତିଙ୍କ ସଂରକ୍ଷଣ ହାର ୧୬.୨୫% କୁ ବୃଦ୍ଧି କରିବା ସହ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଏହି ଶିକ୍ଷା ବର୍ଷଠାରୁ ଲାଗୁ କରାଯାଇଛି । ରାଜ୍ୟ ସରକାରଙ୍କ ଏହି ପ୍ରୟାସ ବିଷୟରେ ଜାଣି ସେ ଖୁସି ବ୍ୟକ୍ତ କରିଛନ୍ତି । ସେହିପରି ଜନଆକ୍ରୋସର ଶିକାର ହେଉଥିବା ପୀଡିତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ନେଇ ସେ ଖୁସି ବ୍ୟକ୍ତ କରିଥିଲେ । ରାଜ୍ୟରେ ଆନ୍ତଃଜାତି ବିବାହିତ ଦମ୍ପତ୍ତିଙ୍କୁ କେନ୍ଦ୍ର ସରକାରଙ୍କ ସହାୟତାକ୍ରମେ ୨.୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯାଉଅଛି । ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୪,୯୫୮ ଦମ୍ପତ୍ତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା ।

### ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି

# ୩ ଜିଲ୍ଲାର ୫୦ଟି ସ୍ଥାନରେ ଭିଜିଲାନ୍ସ ରେଡ୍

### ୨୪ଟି ଟିମର ଏକକାଳୀନ ଚଢ଼ାଉ

**ଭୁବନେଶ୍ୱର :** ସରକାରୀ ଅର୍ଥ ହରିଲୁଟ୍ ଓ ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ। କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ସ୍ଥାନରେ ୨୪ଟି ଟିମର ଏକକାଳୀନ ଚଢ଼ାଉ। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ପ୍ରତି ପଞ୍ଚାୟତରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ରାଜ୍ୟ ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ଅଧୀନରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଗାଁରେ 'ଟର୍ଣ୍ଣ-କି' ଭିତ୍ତିରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ତେବେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା ଓ ଟେଣ୍ଡର ନିୟମାବଳୀରେ ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜୋରଦାର ହୋଇଛି। ଏହି ଦୁର୍ନୀତି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ୨୪ଟି ଟିମ୍ ଗଠନ କରି ଭିଜିଲାନ୍ସ ୩ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ ଓ ତଦନ୍ତ ଜାରି ରଖିଛି। ଭିଜିଲାନ୍ସର ସୂଚନା ଅନୁସାରେ ଏହି ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପରେ ପ୍ରତି ୧୦ଟି ଏଲଇଡି ଲାଇଟର କ୍ଲଷ୍ଟର ପାଇଁ ଆବଶ୍ୟକ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଉପକରଣ ଯଥା- ଏନର୍ଜି ମିଟର, ୫୦୦ମିଟର କେବୁଲ, ଏମସିସିବି, ଆଇ ହୁକ୍ , ସସପେନସନ୍ କ୍ଲାମ୍ପ, ଡେଡ୍ ଆଣ୍ଡ କ୍ଲାମ୍ପ ଓ ଫଟୋ ସୁଇଚ୍ ଟାଇମର ଆଦି ସ୍ଥାପନ କରାନଯାଇ ମଧ୍ୟ ନକଲି ବିଲ୍ ପ୍ରସ୍ତୁତ ହୋଇଥିଲା। ଆଉ ଏବାବଦରେ ସରକାରୀ ପାଣ୍ଠିକୁ ଆତ୍ମସାତ କରାଯାଇଥିଲା। ଏହି ବଡ଼ ଦୁର୍ନୀତିକୁ ନେଇ ଅଭିଯୋଗ ଆସିବା ପରେ ଭିଜିଲାନ୍ସକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଭିଜିଲାନ୍ସ ପକ୍ଷରୁ ମୋଟ ୮୧ଜଣ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି, ଯେଉଁଥିରେ ଅତିରିକ୍ତ ଏସପି, ଡିଏସପି ଓ ଇନ୍‌ସପେକ୍ଟର ପାହ୍ୟାର ଅଫିସରମାନଙ୍କୁ ସାମିଲ କରାଯାଇଛି। ପ୍ରତି ଜିଲ୍ଲାରେ ୨୭ଜଣ ଲେଖାଏଁ ଅଫିସରଙ୍କୁ ନେଇ ଟିମ୍ ଗଠିତ ହୋଇଛି। ୩ଟି ଜିଲ୍ଲାର ପ୍ରାୟ ୫୦ଟି ସ୍ଥାନରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ ସହ ବୈଷୟିକ ଯାଞ୍ଚ ମଧ୍ୟ ଭିଜିଲାନ୍ସ ଅଫିସରମାନେ ଜାରି ରଖିଛନ୍ତି। ଏହି ପ୍ରକଳ୍ପରେ ସରକାରୀ ଅର୍ଥର ଦୁରୁପଯୋଗ ପରିମାଣର ଆକଳନ ସହ ଏଥିରେ ସମ୍ପୃକ୍ତ ଥିବା ସରକାରୀ କର୍ମଚାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୨୧ ଏପ୍ରିଲ ୧୨ତାରିଖରେ ଏହି ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ସଂକ୍ରାନ୍ତ ଟେଣ୍ଡର ଜାରି ହୋଇଥିଲା।

### ଆୟଠାରୁ ୧୧୯% ଅଧିକ ସମ୍ପତ୍ତି ଠୁଳ

## ନିର୍ବାହୀଯନ୍ତ୍ରୀ ପଦ୍ମଲୋଚନଙ୍କୁ ବାନ୍ଧିଲା ଭିଜିଲାନ୍ସ



**ସମ୍ବଲପୁର:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (ସିଏଡିଏ) ବା ସେଚାଞ୍ଚଳ ଉନ୍ନୟନ ପ୍ରାଧିକରଣ ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକଙ୍କୁ ବୁଧବାର ଗିରଫ କରିଛି ଭିଜିଲାନ୍ସ। ନିଜ ଆୟଠାରୁ ୧୧୯% ଅଧିକ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ରେଡ ବେଳେ ୩ଟି ବିଲ୍ଡିଂ ଓ ୧୮ଟି ପ୍ଲଟ ଠାବ ହୋଇଥିଲା। ୩.୪୫ ଲକ୍ଷ କ୍ୟାସ, ୩ଟି ଚାରିଚକିଆ, ୨ ଜେସିବି, ଟ୍ରାକ୍ଟର, ଟ୍ରେଲର ମିଳିଥିଲା। ୨୦ ଲକ୍ଷ ଟଙ୍କା ମୂଲ୍ୟରେ ସୁନା ଗହଣା ଓ ଘରକରଣା ସାମଗ୍ରୀ ମଧ୍ୟ ମିଳିଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ରଖିଥିବା ଅଭିଯୋଗରେ ମଙ୍ଗଳବାର ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ପଦ୍ମଲୋଚନଙ୍କ ୭ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଭିଜିଲାନ୍ସ ଟିମ୍ ସମ୍ବଲପୁର, କଟକ, ବାଲେଶ୍ୱର ଏବଂ ମାଲକାନଗିରି ଜିଲାରେ ଥିବା ପଦ୍ମଲୋଚନଙ୍କ ବିଭିନ୍ନ ଠିକଣାରେ ଖାନତଲାସ କରିଥିଲା।

### ବଜ୍ରାଘାତ ପରେ ଘରେ ଫୁଟିଲା ବାଣ

## ବିସ୍ଫୋରଣରେ ପୁଅର ମୃତ୍ୟୁ, ବାପା-ମା'ଙ୍କ ସହ ୩ ଗୁରୁତର



**ଦିଗପହଣ୍ଡି :** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଭୟାବହ ବାଣ ବିସ୍ଫୋରଣ ଘଟିଛି। ଗ୍ରାମର ପାଣିଟାଙ୍କି ରୋଡ଼୍‌ରେ ଥିବା ମା' ବ୍ରହ୍ମଦେବୀ ମନ୍ଦିର ରାସ୍ତାରେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ଘଟିଥିବା ଏହି ଅଘଟଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପରିବାରର ଅନ୍ୟ ୩ ଜଣ ସଦସ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ୧୯ ବର୍ଷୀୟ ପୁଅ ଆକାଶ ଦାସ। ଅପରପକ୍ଷେ ଗୁରୁତର ଆହତମାନେ ହେଲେ ବାପା ସନ୍ତୋଷ ଦାସ (୪୫), ବିଷ୍ଣୁ ପ୍ରିୟା ଦାସ (୩୫) ଏବଂ ଲକ୍ଷ୍ମୀ ଦାସ (୫୦)। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଆକାଶ ନିଜ ଘର ଭିତରେ ବସି ବାଣ ଭିଡୁଥିଲେ (ତିଆରି କରୁଥିଲେ)। ଏହି ସମୟରେ ହଠାତ ଘର ନିକଟରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ବଜ୍ରାଘାତ ହୋଇଥିଲା। ବଜ୍ରପାତର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ଏହା ଯୋଗୁ ଘର ଭିତରେ ରଖାଯାଇଥିବା ବାଣଗୁଡ଼ିକରେ ହଠାତ୍ ବିସ୍ଫୋରଣ ଘଟିଥିଲା। ବାଣ ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଆକାଶଙ୍କ ଘରର ସମସ୍ତ ଟିଣ ଛପର ଖଣ୍ଡ ଖଣ୍ଡ ହୋଇ ଆକାଶରେ ଉଡ଼ିଯାଇଥିଲା। ବିସ୍ଫୋରଣ ଯୋଗୁ ଘର ଭିତରେ ଥିବା ପରିବାରର ସମସ୍ତ ସଦସ୍ୟ ଗୁରୁତର ହୋଇ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ।

### ରଥ ନିର୍ମାଣର ୬୫ ତମ ଦିବସ

# କଳସରେ ପଦ୍ମ ପାଖୁଡ଼ାର ରଙ୍ଗକାର୍ଯ୍ୟ ଜାରି

- ରୂପକାରଙ୍କ ଦ୍ୱାରା ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ
- ସୁରକ୍ଷା ପାଇଁ ଚାଲିଛି ଲୁହା ପ୍ଲେଟ୍ ଫିଟିଂ କାର୍ଯ୍ୟ

**ପୁରୀ :** ଆଷାଢ଼ ମାସ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନବେଦିରୁ ଜନ୍ମବେଦୀକୁ ବିଜେ



କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ଼ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି। ବୁଧବାର ରଥ ନିର୍ମାଣର ୬୫ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ବୁଧବାର ରୂପକାର ସେବକ ମାନେ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ କରିଥିବା ବେଳେ କଳସରେ ଚିତ୍ରକାର ସେବକ ମାନଙ୍କ ଦ୍ୱାରା ପଦ୍ମ ପାଖୁଡ଼ାର ରଙ୍ଗକାର୍ଯ୍ୟ ଆରମ୍ଭ କରିଛନ୍ତି। ମଙ୍ଗଳବାର ସୁଦ୍ଧା ତିନିରଥର ପ୍ରଭା ପ୍ରେମ ପ୍ରସ୍ତୁତି ପୂର୍ବକ ପ୍ରଭା ଫ୍ରେମ୍‌ପଟା ର ଖିଲଣ କଟିଙ୍ଗ ସହ ଚିତ୍ର ଖୋଦେଇ ପଟାରେ ବାଙ୍କ କଟିଙ୍ଗ ଆରମ୍ଭ ହୋଇଥିଲା। ଗତକାଲି ସୁଦ୍ଧା ତିନିରଥର ପ୍ରଭା ଫ୍ରେମ୍‌ରେ ପଟା ପଡ଼ିବାସହ ପ୍ରଭା ପଟାରେ ବାଙ୍କଖିଲଣ କଟା ଶେଷ ହୋଇଥିଲା। ଆଜି ପ୍ରଭାରେ ବାଙ୍କ ପଡ଼ି ରୂପ ଖୋଦେଇ ପଟା ସେଟିଙ୍ଗ ଶେଷ ହୋଇଛି। ବୁଧବାର ରୂପକାର ସେବକ ମାନେ ପ୍ରଭା ଗୁଡ଼ିକରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିସହ ତିନିରଥ ର ବେଦୀ ଚାରି ପାର୍ଶ୍ୱରେ ପଟା ବାଡ଼ିଆ ହୋଇଥିବା ବଳକା ଅଂଶ ଗୁଡିକୁ କାଟି ସମତୁଲ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ସେବକ ମାନେ ତିନିରଥର ୨୪ ଟି ନାଟ ଗୋଡ଼ରୁ ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୁପ ଖୋଦେଇ ଶେଷ କରି ରଙ୍ଗ କାର୍ଯ୍ୟ ପାଇଁ ଯୋଗାଇ ଦେଇଥିଲେ, ବାକି ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୁପ ଖୋଦେଇ ଆଜି ଶେଷ କରି ତିନିରଥ ର ପଟା ଗୁଜ ଗୁଡିକରେ ନର ବିରାଳ, ସିଂହ ବିରଳ ଏବଂ ଗଜ ବିରଳ ଚିତ୍ର ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି। ଚିତ୍ରକାର ସେବକ ମାନେ ତିନିରଥର କଳସରେ ପଦ୍ମ ପାଖୁଡା ଚିତ୍ର ରଙ୍ଗ କାର୍ଯ୍ୟ ସହ ନାଟ ଗୋଡ଼ ର ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି,ଏଥିସହ ରଥ ପାର୍ଶ୍ୱ ଦେବ ଦେବୀ ମୂର୍ତ୍ତି ପ୍ରତିମା ଗୁଡ଼ିକର ରଙ୍ଗ କାର୍ଯ୍ୟ ଏବଂ ତିନିରଥର ଚକ, ଦଣ୍ଡା ଗୁଡିକରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଧୂଳି ଦଣ୍ଡା ଏବଂ ରଥରେ ଶୁଆ ସେଟିଙ୍ଗ ପାଇଁ ନରାଜ କଣ୍ଟା ନିର୍ମାଣ



ପରେ ମଠା କାର୍ଯ୍ୟ ଶେଷ କରି ବେଦୀ କଣ୍ଟା, ପ୍ରଭା କଣ୍ଟା ନିର୍ମାଣ ସହ ତିନିରଥ ପଛ ଚକ ଗୁଡ଼ିକର ସୁରକ୍ଷା ପାଇଁ ଲୁହା ପ୍ଲେଟ୍ ଫିଟିଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ପାହି ମହାରଣା ମାନେ ରଥଯାତ୍ରା ରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି । ତିନିରଥ ର ମହାରଣା ସେବକ ୭୮ଜଣ ,ଭୋଇ ସେବକ ୭୫ଜଣ ,କରତୀ ସେବକ ୪ଜଣ , ରୂପକାର ସେବକ ୨୧ଜଣ, ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରୀଗର ୨ଜଣ ,ପାହି ମହାରଣା ୨ଜଣ,ଚିତ୍ରକାର ୪୦ ଜଣ ,ରଥଖଳା ସହାୟକ ୧ଜଣ ମୋଟ ୨୪୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି।

ସମ୍ପାଦକୀୟ

# ସୁରକ୍ଷା ପରିଷଦରେ ଭାରତ !

ଜାତିସଙ୍ଘର ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ଏବେ ବି ଏକ ବିରାଟ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛି । କାରଣ ଏହା ନୁହେଁ ଯେ ଜାତିସଙ୍ଘରେ ସ୍ଥାୟୀ ସଦସ୍ୟତା ପାଇବା ପାଇଁ ଭାରତର ଯୋଗ୍ୟତା ନାହିଁ । ଏଭଳି ଉକ୍ତିରେ ବି ବିସ୍ମିତ ହେବାର ଅବକାଶ ନାହିଁ କିନ୍ତୁ ବିସ୍ମିତ ହେବାର ଆବଶ୍ୟକତା ଅନୁଭବ ହେଉଛି । ଜାନୁଆରୀ ମାସ ୨୦ ତାରିଖରେ ସୁଇଜରଲାଣ୍ଡର ଜେନେଭା ଠାରେ ଲିଗ୍ ଅଫ୍ ନେସନ୍ ନାମରେ ଯେଉଁ ସଙ୍ଗଠନ ଗଠନ କରାଯାଇଥିଲା, ଯାହା ପଛରେ ବିଶ୍ୱ ଶାନ୍ତି ସ୍ଥାପନ ଥିଲା ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ । ପରେ ପରେ ଜାତିସଙ୍ଘ ଭଳି ଗୋଟାଏ ଅନ୍ତର୍ଜାତୀୟ ସଙ୍ଗଠନ ଯାହାକି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁନର୍ଗଠନ କରାଯାଇଥିଲା ଅକ୍ଟୋବର ୧୯୪୫ ମସିହାରେ । ସେହି ସମାନ ଉଦ୍ଦେଶ୍ୟ ବି ଥିଲା ସଙ୍ଗଠନର .... ବିଶ୍ୱ ଶାନ୍ତି ପ୍ରତିଷ୍ଠା । ଭାରତ ମଧ୍ୟ ପରେ ପରେ ସେହି ସଙ୍ଗଠନରେ ଏକ ସଦସ୍ୟ ରାଷ୍ଟ୍ର ଭାବରେ ଆରମ୍ଭ କରିଥିଲା ତା'ର ବିଜୟ ଅଭିଯାନ । ସେବେଠାରୁ ଆଜି ପର୍ଯ୍ୟନ୍ତ ଭାରତ ଏକ ସଦସ୍ୟ ରାଷ୍ଟ୍ର ଭାବରେ ବିଭିନ୍ନ ସମୟରେ ଜାତିସଙ୍ଘର ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଆସିଛି । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ଭୂମିକାକୁ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସାରା ବିଶ୍ୱର ନଜର ସେ ଦିଗରେ ନିଜ ଆଡ଼କୁ ଆକର୍ଷିତ କରିବାରେ ସଫଳ ମଧ୍ୟ ହୋପାରିଛି । ଏଣୁ ଏକଥା ନିଶ୍ଚିତ ଯେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଜାତିସଙ୍ଘର ନାନାଦି ପ୍ରକାର ଉଦ୍ୟମରେ ଭାରତ ମଧ୍ୟ ରା'ର ଅତି ଉତ୍ତମ ଏବଂ ସକ୍ରିୟ ଯୋଗଦାନ ଦେଇଛି ଏବଂ ସେହି ପ୍ରକ୍ରିୟା ଏଯବତ ଜାରି ରହିଛି । ଯାହାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ । ଜାତିସଙ୍ଘ ଗଠନ ପଛରେ ନାନାଦି ଉଦ୍ଦେଶ୍ୟ ମଧ୍ୟରୁ ତାହା ହିଁ ଥିଲା ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ, ତାହା ହିଁ ଥିଲା ସଙ୍ଗଠନର ଏକ ବଡ଼ ଉଦ୍ଦେଶ୍ୟ ଯାହାକି ବିଶ୍ୱରେ ଶାନ୍ତି ଏବଂ ଏକତା ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିବ । ଜାତିସଙ୍ଘ ସେ ଦିଗରେ ତା'ର ଉଦ୍ୟମ ମଧ୍ୟ ଜାରି ରଖିଛି । ହେଲେ ଅବସୋସର ବିଷୟ ଯେ ପ୍ରକୃତ ଅର୍ଥରେ ବିଶ୍ୱରେ ଏଯାବତ୍ ସ୍ଥାପନ ହୋଇପାରିନାହିଁ ବିଶ୍ୱଶାନ୍ତି । ବିଶ୍ୱର ବିଭିନ୍ନ ଭାଗରେ ସର୍ବଦା କିଛି ନା କିଛି କାରଣରୁ ଅଶାନ୍ତି ଲାଗି ରହିଛି । ଯୁଦ୍ଧ ବି ଲାଗି ରହିଛି । ବିଶେଷକରି ମଧ୍ୟପ୍ରାଚ୍ୟରେ ତ ଏବେ ବି ଲାଗି ରହିଛି ଯୁଦ୍ଧଜନିତ ଅଶାନ୍ତି । ବିଶ୍ୱରେ ସବୁଠାରୁ ଅଧିକ ଯୁଦ୍ଧପ୍ରବଣ ଅଞ୍ଚଳ ବୋଧହୁଏ ମଧ୍ୟପ୍ରାଚ୍ୟ ଯେଉଁଠାରେ ଇରାନ୍-ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ଭଳି ଅନେକ ରହିଛନ୍ତି ଯୁଦ୍ଧପ୍ରିୟ ଦେଶ ଯେଉଁମାନେ ଯୁଦ୍ଧ ନାଁ ଶୁଣିଲେ ଡେଇଁପଡ଼ିବେ ମଇଦାନକୁ । ସେପଟେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସୌକୀନ୍ ଦେଶ ବି ରହିଛନ୍ତି । ଅଥଚ କ'ଣ କରୁଛି ଜାତିସଙ୍ଘ ? ସବୁଠରୁ ଗୋଟାଏ ବଡ଼ ପ୍ରଶ୍ନ ଜାତିସଙ୍ଘକୁ । ଅଥଚ ଦୁଃଖର ବିଷୟ ଯେ ଉତ୍ତର ନାହିଁ ସଙ୍ଘ ପାଖରେ । କେଡ଼େ ଲଜ୍ଜାର ବିଷୟ , କେଡ଼େ ଦୁଃଖର ବିଷୟ ! ଲାଗୁଛି ସତେ ଅବା ସଙ୍ଘ ଲାଚାର, ସଙ୍ଘ ବେକାର । କଥା ବି କିଛି ଭୁଲ୍ ନୁହେଁ କାରଣ ସଙ୍ଘ ଏବେ କେବଳ ନାମକୁ ମାତ୍ର କହିଲେ କିଛି ଭୁଲ୍ ହେବନାହିଁ । ଏବେ ଆମେରିକା ହେଉଛି ସର୍ବେସର୍ବା । ଭାରତ ପୃଥିବୀର ପ୍ରଥମ ଦେଶ ହିସାବରେ ଜାତିସଙ୍ଘର କାର୍ଯ୍ୟଧାରାକୁ ଦୃଢ଼ ବିରୋଧ କରିଆସିଛି । ପ୍ରାୟ ୨୨ଥର ଜାତିସଙ୍ଘର ସ୍ଥାୟୀ ପରିଷଦରେ ଅସ୍ଥାୟୀ ସଭ୍ୟ ଭାବରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପରେ ମଧ୍ୟ ସ୍ଥାୟୀ ସଭ୍ୟର ମର୍ଯ୍ୟାଦା ହାସଲ କରିପାରିନାହିଁ । ଯାହାକୁ ନେଇ ଭାରତ ସମେତ ବିଶ୍ୱର ଏକାଧିକ ଦେଶ ଜାତିସଙ୍ଘର ବିଭିନ୍ନ ଅଧିବେଶନରେ ଏହି କଥାକୁ ଉଠାଇଛନ୍ତି । ହେଲେ ଫଳ ଶୂନ । ଏପରିକି ଜାତିସଙ୍ଘର ଅନ୍ୟତମ ପ୍ରମୁଖ ସଦସ୍ୟ, ପ୍ରଭାବଶାଳୀ ସଦସ୍ୟ ମଧ୍ୟ ଭାରତ ସପକ୍ଷରେ ମତ ଦେଇଛି ଅନେକ ଥର । ତଥାପି ପ୍ରଭାବହୀନ ହୋଇଛି ପରିସ୍ଥିତି । ଯାହା ପଛର କାରଣ ହେଉଛି ପ୍ରଥମରେ ବାହାଦୂରିଆ ଆମେରିକା ଏବଂ ଚାଲ୍‌ବାଜ୍ ଚାଇନା ଭାରତର ସ୍ଥାୟୀ ସଦସ୍ୟତା ପଛରେ ବଡ଼ କଣ୍ଟା । କଣ୍ଟାକୁ ମଧ୍ୟ ସେହି କଣ୍ଟାରେ କଢ଼ାଯିବାର ଆବଶ୍ୟକତା ରହିଛି । ହେଲେ ଭାରତ ଭଳି ଗୋଟାଏ ଶାନ୍ତିପ୍ରିୟ ଦେଶ ପକ୍ଷରେ ହୁଏତ ତାହା ଏତେ ସହଜ ନୁହେଁ । ସେଥିପାଇଁ ତ କଷ୍ଟକର ମନେ ହେଉଛି ସ୍ଥାୟୀ ସଦସ୍ୟତା । ତଥାପି ଭାରତ ତା'ର ଲଢ଼େଇ ଜାରି ରଖିଛି ଏବଂ ଆଗକୁ ମଧ୍ୟ ସେହିଭଳି ଜାରି ରହିବ ଲଢ଼େଇ ।

## ଧନ ରତନ

ପୁଅ ତ ଗୋଟାଏ । ସେହି ହେତୁ ପରିବାରରେ ସମସ୍ତଙ୍କର ଅତି ଗେହ୍ଲା ପୁଅ । ସମାଜର ଜଣେ ଜଣେ ଧନୀ ବ୍ୟକ୍ତିଙ୍କର ପୁଅ । ତେବେ ତାଙ୍କର ଗୋଟାଏ ଅତି ଖରାପ୍ ଗୁଣ ଥିଲା । ସେ ଭାରୀ ବଦରାଗୀ ଥିଲେ । କଥାରେ କଥାରେ ସେ ବହୁତ ରାଗିଯାଉଥିଲେ । ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା । ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ । କ'ଣ କରିବେ , କ'ଣ ଭାବିବେ ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ , ପିଲାଟିକୁ ସେ କେମିତି ସୁଧାରିବେ ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ । ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ । ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ । ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି । ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ । କେବେ କେବେ ସେମିତି ବି ହୁଏ । କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି । ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ । ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି । ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି । ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ୍ୟ କଠୋର ତଥା କର୍କଶ ହୋଇଯାଇଛି । ତେବେ ଏଠାରେ କ'ଣ କରାଯାଇପାରେ । କିଭଳି ଧନୀ ଘରର ସେହି ବାଲୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା- ମଆାଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଊାଟା ପରିବର୍ତ୍ତନ ହୋଇପାରିବ । ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା ।ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିପାରିବା ନାହିଁ । ଜଣକର ପରିବର୍ତ୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତନ ପରେ ଆସିପାରିବ । ପରିବର୍ତ୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ । ଯାହାହେଉ ଶେଷରେ ପରିବର୍ତ୍ତନ ହେଲା ଜନୈକ ଧନୀ ବ୍ୟକ୍ତିଙ୍କ ପୁଅର ଯେ କି ପରିବାର ପାଇଁ କୌଣସି ରତନ ଠାରୁ କମ୍ ନଥିଲା ।

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ



ପ୍ରଫେସର ଡାକ୍ତର ସମ୍ରାଟ କର

ପ୍ରତିବର୍ଷ ଜୁନ ୨୧ ତାରିକରେ ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହେଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି - 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' । ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ । ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ । ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ । ଏହି ଲେଖକ ମନକଥା ଜାଣନ୍ତୁ ମାଧ୍ୟମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି । ମାନସିକା ବିଷାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍‌ଫୁଲ୍ଲତା, ଉନ୍ମଦତା । ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ । ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା । ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା ।

ଆଜି ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହେଉଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସଂକ୍ରାନ୍ତୀୟ ତଥ୍ୟ ଜାତିସଂଘକୁ ଦେଲାପରେ ଜୁନ ୨୧ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳିତ ହେବ । ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି । ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ । ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତ୍ରତା ରଖିଥାଏ । ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତ୍ତମ ଚିକିତ୍ସକଙ୍କୁ ସାକ୍ଷାତ କରିବା । ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତ୍ତକୁ ଲୁଚାଇବା ନାହିଁ । ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା । ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି । ବର୍ତ୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ ।

ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ । କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ । ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ । କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା । ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା । କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାବା ବାଞ୍ଛନୀୟ । ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି । ଆମ୍ଭର ପ୍ରାଚୀନ ଆଧ୍ୟାତ୍ମିକ ସଂସ୍କୃତି ହେଉ ବା ଚରକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା । ସବୁ କ୍ଷେତ୍ରରେ ଆମ ପାଇଁ ବଡ଼ ପ୍ରାସଙ୍ଗିକତା ରହିଥାଏ ନିଜ ରୋଗୀଟି ପାଇଁ ଅହର୍ନିଶ ତତ୍ତ୍ୱାବଧାନ । ଭାରତର ପ୍ରଧାନମନ୍ତ୍ରୀ ଜୁନ ଏକୋଇଶିକୁ ଯୋଗ ଦିବସ ଭାବେ ମାନ୍ୟତା ଓ ଗ୍ରହଣୀୟତାର ଯେଉଁ ନିୟମ କରିଥିଲେ ତାହା ଆଜି ସଫଳ ହୋଇଛି । ଚିକିତ୍ସା କ୍ଷେତ୍ରକୁ ବାଦ ଦେଲେ ବ୍ୟକ୍ତିଗତ ଜୀବନ କ୍ଷେତ୍ରରେ ଏହି ଯୋଗର ନିଶ୍ଚିନ୍ତ ଆବଶ୍ୟକତା ରହିଛି । ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ । ମାନସିକ ସ୍ୱାସ୍ଥ୍ୟସହ ଯୋଗ, ପ୍ରାଣାୟମ ପରି ପ୍ରାଚୀନତମ ଚିକିତ୍ସା ପଦ୍ଧତିର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଯୋଗ ଦ୍ୱାରା ଜଣେ ମାନସିକ ଭାବେ ସତେଜ ଓ ନିଜକୁ ସକରାତ୍ମକ ରଖିପାରେ । ଯୋଗାସନ ଦ୍ୱାରା ମାଦକ ଦ୍ରବ୍ୟ ପ୍ରତି ଆଗ୍ରହ କମ ରହିଥାଏ । ଯୋଗ ଏପରି ଏକ ଶାରୀରିକ ଅବଲମ୍ବନ ଯାହା ମନସ୍ତାତ୍ତ୍ୱିକ କ୍ଷେତ୍ର ପାଇଁ ସଞ୍ଜିବନୀ ସଦୃଶ କାମ କରେ । ବିଦେଶରେ ମନସ୍ତାତ୍ତ୍ୱିକ ଚିକିତ୍ସକମାନେ ମାନସିକ ପୀଡ଼ିତ ମାନଙ୍କୁ ଯୋଗାଭ୍ୟାସ କରିବା ପାଇଁ ପରାମର୍ଶ ଦେଉଛନ୍ତି । ଜଣେ ମାନସିକ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ରହୁଥିବାବେଳେ ଯୋଗ ତାକୁ ଯେଉଁ ଶରୀର ଚେତନାର ଉର୍ଜ୍ଜା, ପ୍ରେରଣା ଯୋଗାଇଥାଏ ତାହା ପୀଡ଼ିତର ଉପଶମ ପାଇଁ ତାହା ଅନେକ ଦୃଷ୍ଟିରୁ ଭଲ । ତେବେ ଏ କ୍ଷେତ୍ରରେ ମାନସିକ ପୀଡ଼ିତ ଲୋକଟିର ପରିଜନ ବା ନିକଟତମ ଲୋକଙ୍କର ସବୁଠାରୁ ବଡ଼ ଭୂମିକା ରହିଛି । କାରଣ ଯୋଗ କ୍ଷେତ୍ରରେ ନିୟମିତତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ତେଣୁ ଜଣେ ବିଶେଷକରି ମାନସିକ ଭାବେ ଆଘାତ ପାଇଥିବା ବା କୌଣସି ମାନସିକ ସମସ୍ୟା ପାଇଥିବା ଲୋକଟିର ପରିବାର ଲୋକମାନେ, ସେ ଲୋକଟି କିପରି ପ୍ରତିଦିନ ସକାଳୁ ଯୋଗାଭ୍ୟାସ ପାଇଁ ନିର୍ଦ୍ଦିଷ୍ଟ ସମୟ ରଖିବ ସେ ଦିଗକୁ ଦେଖନ୍ତୁ । ତେବେ ମାନସିକ ସମସ୍ୟାକୁ ସାମ୍ନା କରୁଥିବା ଲୋକଟି ପାଇଁ କେଉଁ ଯୋଗ ଆରୋଗ୍ୟକାରୀ ବା ଉପଯୋଗୀ ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

କୌଣସି ବଡ଼ ଯୋଗ, ଲମ୍ବା ସମୟର ଶାରୀରିକ ବ୍ୟାୟାମ ପ୍ରଥମେ ପ୍ରଥମେ ମାନସିକ ପୀଡ଼ିତ ପାଇଁ ଅଭ୍ୟାସ କରିବା ନିମିତ୍ତ ଉତ୍ସାହିତ କରନ୍ତୁ ନାହିଁ । ଏ କ୍ଷେତ୍ରରେ ଯୋଗଗୁରୁଙ୍କ ପରାମର୍ଶ ମଧ୍ୟ ନେଇପାରିବେ । ଯୋଗାଭ୍ୟାସ ସମୟରେ ପୀଡ଼ିତ ଜଣଙ୍କ କୌଣସି ନିଶାଦ୍ରବ୍ୟ ସେବନ କରିବା ଅନୁଚିତ । ସେହିପରି ଯୋଗ ଅଭ୍ୟାସକୁ ନେଇ ଲୋକଟି ଉପରେ ଏକ ପ୍ରକାର ଚାପ ସୃଷ୍ଟି କରନ୍ତୁ ନାହିଁ । ସର୍ବପ୍ରଥମେ ଲୋକଟି କିପରି ଯୋଗାଭ୍ୟାସ ପ୍ରତି ଆଗ୍ରହ ସୃଷ୍ଟି କରିବ, ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ । ପ୍ରଥମେ ପ୍ରଥମେ ଯୋଗ କରିବା ପାଇଁ ମାନସିକ ପୀଡ଼ିତ ଜଣଙ୍କ ରାଜି ନ ହୋଇପାରନ୍ତି, ତେବେ ତାଙ୍କ ଭିତରେ ଆଗ୍ରହ ସୃଷ୍ଟି କରି ଯୋଗ ପ୍ରତି ସେ କିପରି ଯତ୍ନବାନ ହେବେ ସେ ଦିଗ ପାଇଁ ପ୍ରଯତ୍ନ କରନ୍ତୁ । ତେବେ ଯୋଗ କୌଣସି ଏକ ଯାଦୁବିଦ୍ୟା ବା କରିସ୍ମା ନୁହେଁ ଏହା ଆମ ଭାରତର ଏକ ପ୍ରାଚୀନତମ ବୈଦିକ ସମୟର ଚିକିତ୍ସା ପଦ୍ଧତି ବା ଅଭ୍ୟାସ । ତେଣୁ ମାନସିକ ଭାବେ ଆଘାତ ପାଇ ବା କୌଣସି ମାନସିକ ସମସ୍ୟାକୁ ସାମ୍ନା କରୁଥିବା ଲୋକଟି ପାଇଁ ଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଏହାକୁ ଭଲ ଭାବେ ମନେରଖନ୍ତୁ ।

**ମାନସିକ ରୋଗ ବିଶେଷଜ୍ଞ,**
**ଦି' ବ୍ରେନ, ପୁରୀଘାଟରୋଡ଼,**
**କଟକ, ଦୂରଭାଷ :**
**୯୧୩୨୪୩୩୩୩୩**

# ଯୋଗ ଓ ମହିଳା ସ୍ୱାସ୍ଥ୍ୟ



ଡାକ୍ତର ଶୁଭଶ୍ରୀ ମିଶ୍ର

ଆଧୁନିକ ଚିକିତ୍ସାର ବିବିଧ କ୍ଷେତ୍ରରେ ଅସାଧାରଣ ପ୍ରଗତି ହୋଇଥିଲେ ମଧ୍ୟ ଆଜି ଶାରୀରିକ ଏବଂ ମାନସିକ ରୋଗୀଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଦେଖାଯାଉଛି । ମଣିଷକୁ ନୀରୋଗ ଏବଂ ଦୀର୍ଘଜୀବୀ କରି ରଖିବା ପାଇଁ ବିଶ୍ୱସ୍ତରରେ ବହୁ ଗବେଷଣା କରାଯାଇଛି ଏବଂ କରାଯାଉଛି; କିନ୍ତୁ ଏ ପର୍ଯ୍ୟନ୍ତ ଏ ବାବଦରେ କୌଣସି ଗୋଟିଏ ସର୍ବମାନ୍ୟ ସର୍ବସୁଲଭ ସୂତ୍ର ହସ୍ତଗତ ହୋଇପାରିନାହିଁ । ଅତି ପ୍ରାଚୀନ କାଳରୁ ସେଥିପାଇଁ ଭାରତୀୟ ଯୋଗବିଦ୍ୟା ବିଶାରଦମାନେ ଏହି ସ୍ଥୂଳଚିକିତ୍ସା ପଛରେ ନଧାଇଁ କେମିତି ସବୁ ରୋଗର ସୂକ୍ଷ୍ମସ୍ତରରେ ଚିକିତ୍ସା ହୋଇପାରିବ, ସେ ଦିଗରେ ଗହନ ଅନୁସନ୍ଧାନ କରିଥିଲେ । ଆଜିକାଲି ବୈଜ୍ଞାନିକମାନେ କହୁଛନ୍ତି ଦଶଭାଗ ରୋଗର କାରଣ ସ୍ଥୂଳଶରୀର ହେଲେ ବାକି ନବେ ଭାଗ ରୋଗର କାରଣ ସୂକ୍ଷ୍ମ ଶରୀର । ଅର୍ଥାତ୍ ଦୂଷିତମନ, ବିଚାର, ଭାବନା, କଳ୍ପନା ଇତ୍ୟାଦି । ଏକଥା ହଜାର ହଜାର ବର୍ଷ ତଳେ ଆମର ଦିବ୍ୟଦ୍ରଷ୍ଟା ଯୋଗୀ ଋଷିମାନେ ଜାଣି ସେଥିପାଇଁ ରୋଗର ସ୍ଥାୟୀ ପ୍ରତିକାର ସ୍ଥୂଳ ସ୍ତରରେ ନ କରି ସୂକ୍ଷ୍ମସ୍ତରର ସିଦ୍ଧଶକ୍ତି ମିଳି ଯାଉଥିଲା । ତା ଦ୍ୱାରା ସେମାନେ କେବଳ ରୋଗ ନିବାରଣରେ ସଫଳ ହୋଇଥିଲେ ତାହା ନୁହେଁ, ବରଂ ଦୀର୍ଘାୟୁ ଲାଭ କରୁଥିଲେ ।

ତେବେ ମହିଳା ମାନଙ୍କ ପାଇଁ ଯୋଗାସନର ପ୍ରାସଙ୍ଗିକତା ଅନେକ ଚର୍ଚ୍ଚା ସୃଷ୍ଟି କରୁଥିଲେ ବି ବିଶ୍ୱ ଯୋଗ ଦିବସ ଅବସରରେ ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସମ୍ବନ୍ଧରେ କିଛି ଲେଖୁଛୁ । ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କ ଠାରେ ବିଶେଷ କରି ମହିଳାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ । ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ । ଏହା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତନାଡ଼ି, ଶ୍ୱାସକ୍ରିୟା ଆଦିକୁ ସୂଚାରୁରୂପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରର ବିକାଶ ସମ୍ଭବ ହୋଇଥାଏ । କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ ।

ନିୟମିତ ଯୋଗାସନ କରିବା ଦ୍ୱାରା ମାନସିକ ସନ୍ତୁଳନ ରକ୍ଷା କରିଥାଏ । ଫଳରେ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୋଇଥାଏ । ଚିଡ଼ିଚିଡ଼ା ପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ । ଏହାର ଦ୍ୱାରା ଶରୀରରେ ହରମୋନ ପରିବର୍ତ୍ତନ ଯୋଗୁଁ ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡ଼ା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ । ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସ କ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ । ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁଁ ତ୍ୱଚା ଏବଂ ଅନ୍ତ ଅଙ୍ଗ ଗୁଡ଼ିକ ମଧ୍ୟ ସୁସ୍ଥ ରହିଥାଏ । ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ । ସୂଚାରୁରୂପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି । ଏହା ବ୍ୟତୀତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଯେଉଁ ମହିଳାମାନେ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସରେ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ । ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ଼ ସମସ୍ୟା



ପାଲଟିଛି । ଆଉ ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ ରଖିବା ଲାଗି ଯୋଗାସନ ବେଶ ଉପକାରୀ ।

ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ । ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲ ଭାବେ ହେବା କାରଣରୁ ମଧ୍ୟ ହୃଦ୍‌ରୋଗ ଆଶଙ୍କା କମିଥାଏ । ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ । ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ । ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ । କେବଳ ଏତିକି ନୁହେଁ ନିୟମିତ ଯୋଗ କରିବା ଦ୍ୱାରା ସ୍ତନକର୍କଟ ଆଶଙ୍କା ମଧ୍ୟ କମିଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ । ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ । କେଶ ମଜଭୁତ୍ ରହିଥାଏ । ଶରୀରର ଗଠନକୁ ଏହା ସୁଠାମ କରିଥାଏ ।

ଯୋଗ କରିବାର ଉପଯୁକ୍ତ ସମୟ ହେଉଛି ସୂର୍ଯ୍ୟୋଦୟର ଅଧ ଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ । ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ଦେଢ଼ଘଣ୍ଟା ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ । ଯୋଗ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଇଥାଏ । ତେଣୁ ଆଦୌ ତରତର ହୋଇ ଯୋଗ କରନ୍ତୁ ନାହିଁ । ଯୋଗ କରିବା ସମୟରେ ମନକୁ ସ୍ଥିର ରଖନ୍ତୁ । ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇପାରେ ।

ଯୋଗ କରିବାର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଧିକାଂଶ ମହିଳା ଏକାସଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି । ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ । କାରଣ ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ । ତେଣୁ ଆବଶ୍ୟକତାରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ତେଣୁ ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହା ସମୟସୀମା ବଢ଼ାନ୍ତୁ । ଯଦି ଆପଣ ଗର୍ଭବତୀ ତେବେ ପୂର୍ବରୁ କରୁଥିବା ଯୋଗାସନ ନ କରି ଏ ସମୟରେ କେଉଁ ଯୋଗ କରିବା ଦରକାର ଏକ୍ସପର୍ଟଙ୍କ ପରାମର୍ଶ ନେବାପରେ କରନ୍ତୁ । ଠିକ୍ ସେହିପରି ଋତୁସ୍ରାବ ସମୟରେ ମଧ୍ୟ ଏଥିପ୍ରତି ସତର୍କ ରହିବା ଆବଶ୍ୟକ । କାରଣ ଋତୁସ୍ରାବ ସମୟରେ ଅତ୍ୟଧିକ ରକ୍ତସ୍ରାବ ହେଉଥିଲେ ଯୋଗାସନ କରନ୍ତୁ ନାହିଁ । ସେହିପରି କୌଣସି ଜଟିଳ ଅପରେସନ ହୋଇଥିଲେ ଯୋଗାସନ ନିଷେଧ । ଯୋଗାସନ କେବେ ବେଡ଼୍, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ । ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ । ଯୋଗ କରିବା ଦିନ ଗୁଡ଼ିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ତେଲ ମସଲାଯୁକ୍ତ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ । ଯୋଗାସନ କରିବାର କିଛି ସମୟ ପୂର୍ବରୁ ୨ ଗ୍ଲାସ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ ।

ମହିଳମାନଙ୍କ ପାଇଁ ଯୋଗାଭ୍ୟାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତ୍ୟକ୍ଷ ଭାବେ ଅନୁଭୂତିମୂଳକ ଯୋଗକୁ ଗୁରୁତ୍ୱ ଦିଅନ୍ତୁ । ଯୋଗାସନ କରିବା ପୂର୍ବରୁ ସେ ସମ୍ପର୍କରେ ଭଲ ଭାବେ ପଢ଼ନ୍ତୁ ଓ ବୁଝନ୍ତୁ । ସୋସିଆଲ ମିଡ଼ିଆରେ ବା କେହି କ'ଣ କିଛି ପରାମର୍ଶ ଦେଇଦେଲେ ତାହାକୁ ଗ୍ରହଣ କରିବା ଅପେକ୍ଷା ପ୍ରାରମ୍ଭିକ ଅବସ୍ଥାରୁ ଯୋଗର ପ୍ରଥମ ପାହାଚରୁ ନିଜକୁ ପ୍ରସ୍ତୁତ କରନ୍ତୁ । ନିଜ ଖାଇବା ପିଇବା, ବିଶ୍ରାମ ଓ ସଠିକ ଶୋଇବା ସହ ମାନସିକ ଚାପ ଆଦୌ ରଖନ୍ତୁ ନାହିଁ । ଯୋଗର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଯୋଗାସନ ପରେ ଆକସ୍ମିକ ଭାବେ ହାଲିଆ ଲାଗିଲେ ବା ଶାରୀରିକ ଭାବେ ଅସ୍ୱାଭାବିକ ଅନୁଭବ କଲେ ସର୍ବପ୍ରଥମେ ପୁରାପୁରି ବିଶ୍ରାମ ନେଇଯାଆନ୍ତୁ । ନଚେତ୍ ଆପଣ ଶିକ୍ଷା ଲାଭ କରୁଥିବା ବା ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେଇପାରନ୍ତି । ପରିବାରର ସମସ୍ତଙ୍କୁ ଯୋଗାସନ ପାଇଁ ପ୍ରେରିତ ମଧ୍ୟ କରନ୍ତୁ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ**
**ବିଶେଷଜ୍ଞ, ଦୂରଭାଷ :**
**୯୮୬୧୪୬୩୪୦୬**

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୫ ଜୁନ୍ ୨୦୨୬

# ଖେଳ ପଡିଆରୁ ଜବର ଦଖଲ ଉଚ୍ଛେଦ ପାଇଁ ଆରଡ଼ିସିଙ୍କୁ ଦାବି

**ଆଠମଲ୍ଲିକ,୨୪।୬ :** ବ୍ଲକ ର ଅଇଡ଼ା ପଞ୍ଚାୟତ, ପତାକା ଗ୍ରାମ ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଖେଳ ପଡିଆ ରେ ଜବରଦଖଲ କାରିଙ୍କ କବଜା ଥିବାରୁ ଅଞ୍ଚଳ ର ଜାତୀୟ ସ୍ତର ରେ ଫୁଟବଲ ଖେଳି ସୁନାମ ଆଣିଥିବା ଅଷ୍ଟକିଳା ଫୁଟବଲ କ୍ଲବ ଖେଳାଳି ମାନଙ୍କ ତରଫରୁ ଖେଳ ପଡିଆକୁ ଜବର ଦଖଲ ରୁ ମୁକ୍ତ କରିବାକୁ ସମ୍ବଲପୁର ଆର ଡ଼ି ସି ଙ୍କ ନିକଟକୁ ଚିଠି ଦିଆ ଯାଇଥିବା ଜଣା ପଡିଛି । ବାହାର ଅଞ୍ଚଳ ର ଜୈନେକ ବ୍ୟକ୍ତି ଫୁଟବଲ ପଡିଆ ର କିଛି ଅଂଶ ଜବର ଦଖଲ କରିବା ସହିତ ପଡିଆ ରେ ବିଭିନ୍ନ ଅନୈତିକ ବ୍ୟବସାୟ କରି ଅପରିଷ୍କାର କରୁଥିବା ଅଭିଯୋଗ ହେଉଛି । ଯା ଫଳ ରେ ଛାତ୍ର ଛାତ୍ରୀ ଓ ଫୁଟବଲ ଖେଳାଳି ଅଭ୍ୟାସ କରିବାରେ ବାଧକ ସୃଷ୍ଟି ହେଉଛି । ସୂଚନା ଥାଉ କି ଖେଳ ପଡିଆ କୁ ଜବର ଦଖଲ ମୁକ୍ତ କରିବା ପାଇଁ ଖେଳାଳି ଓ ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ଉପଖଣ୍ଡ ପ୍ରଶାସନ ନିକଟରେ ମଧ୍ୟ ଦାବୀ କରା ଯାଇଥିଲା । ସେହିପରି ଜିଲ୍ଲାପାଳ ଙ୍କ ଆଠମଲ୍ଲିକ ଅଭିଯୋଗ ଶୁଣାଣି ଶିବିର ରେ ମଧ୍ୟ ଅଭିଯୋଗ ପତ୍ର ଦିଆ ଯାଇଥିଲା । କିଛି ଦିନ ବିତିଯାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ସେମାନେ ଆର ଡ଼ି ସି ଙ୍କ ନିକଟ କୁ ଚିଠି ଦେବାକୁ ବାଧ୍ୟ ହେଲେ ବୋଲି ପ୍ରକାଶ କରିଛନ୍ତି । ସ୍କୁଲ ଏବେ ଖୋଲି ଥିବାରୁ କୁନି ପ୍ରତିଭା ମାନ ଙ୍କ କ୍ରୀଡା ଜଗତ ରେ ଉଲ୍ଲେଖ ନୀୟ ସଫଳତା ହାସଲ ପାଇଁ ଅତ୍ୟାବଶକ ଖେଳ ପଡିଆକୁ ଯୁଦ୍ଧ କାଳୀନ ଭିତ୍ତି ରେ ଜବର ଦଖଲ ମୁକ୍ତ କରିବାକୁ ଅଞ୍ଚଳ ର ବୁଦ୍ଧିଜୀବୀ ଅଭିଭାବକ ମହଲ ରୁ ଦାବୀ ହେଉଛି ।

# ପଞ୍ଚାୟତବାସି ଭେଟି ସମସ୍ୟା ବୁଝିଲେ ବିଧାୟକ



**ଆଠମଲ୍ଲିକ,୨୪।୬ :** ଆଠମଲ୍ଲିକ ବ୍ଲକର ଦୁଇ ପଞ୍ଚାୟତ ଟୁସର ଓ କିଆକଟା ପଞ୍ଚାୟତ ର ଅଧିବାସୀ ଙ୍କୁ ଦୁଇ ଦିନ ଧରି ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ ଗସ୍ତ କରି ବିଭିନ୍ନ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିବା ଜଣା ପଡିଛି । ଗସ୍ତ ସମୟ ରେ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ବ୍ଲକ ସଭାପତି ମହେଶ୍ୱର ଦେହୁରୀ, ସରପଞ୍ଚ ଅଶୋକ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ବିଧାୟକ କିଆ କଟା ପଞ୍ଚାୟତ ର ବାଙ୍କ ପାଳ, ନାଏକ ପଡ଼ା, ହେଲେଇ, ଶଙ୍ଖା ମାଳ, ଟୁସର ପଞ୍ଚାୟତର ବାଜ ପୁର, ସମେତ ବହୁ ଗ୍ରାମବାସୀ ଙ୍କ ସହିତ ଆଲୋଚନାକରି ବିଭିନ୍ନ ଅଭାବ ଅସୁବିଧା କୁ ଶୁଣି ପର୍ଯ୍ୟାୟ କ୍ରମେ ସମାଧାନ କରା ଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ । ବିଧାୟକ ବିଭିନ୍ନ ଗ୍ରାମ କୁ ପ୍ରବେଶ କଲା ବେଳେ ଗ୍ରାମବାସୀ ମାନଙ୍କ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା କ୍ଷଲୋକେ ବିଧାୟକ ଙ୍କ ନିର୍ମଳ ଓ ସାହାଯ୍ୟକାରୀ ମାନସିକତା କୁ ପ୍ରଶଂସା କରିଥିଲେ।

# ବଜ୍ରପାତରେ ବ୍ୟକ୍ତିଙ୍କ ମୃତ୍ୟୁ

**ଶେରଗଡ,୨୪।୬ :** ଆଜି ଅପରାହ୍ନ ରେ ବଜ୍ରପାତରେ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଘଟଣା ରୁ ପ୍ରକାଶ ଯେ,ଶେରଗଡ ଥାନା ଧନନ୍ତର ପଞ୍ଚାୟତ ସୁବୁଳୟାପଲ୍ଲୀ ଗ୍ରାମର ଡି.କୋରା ପାତ୍ର (୫୫) ଙ୍କ ପରିବାର ଚାଷ କାର୍ଯ୍ୟ କରି ପରିବାର ର ଗୁଜୁରାଣ ମେଣ୍ଟାନ୍ତି । ଆଜି ଅପରାହ୍ନ ରେ ଖରିଫ ଧାନ ଚାଷ ଲାଗି କୋରା ନିଜ ପତ୍ନୀ ଙ୍କ ସହିତ ନିଜ ବିଲକୁ ତଳି ପକାଇବା ଲାଗି ଯାଇଥିଲେ। ବିଲରେ ତଳି ପକାଉଥିଲେ,ମେଘ କୁ ଦେଖି ଘରକୁ ଆସିବା ଲାଗି ପ୍ରସ୍ତୁତ ହେଉଥିବା ବେଳେ ହଠାତ ବଜ୍ରପାତ ଘଟିଥିଲା। ଏହି ବଜ୍ରପାତରେ କୋରା ବିଲ ମଧ୍ୟରେ ଅଚେତ ହୋଇ ପଡିଥିଲେ। କୋରା ଅଚେତ ହୋଇ ପଡିଥିବା ଦେଖି କିଛି ଦୂରରେ ଥିବା ପତ୍ନୀ କୋରା ଙ୍କୁ ଘଟଣା ସ୍ଥଳ ରୁ ଉଦ୍ଧାର କରି ଗ୍ରାମର କିଛି ଲୋକଙ୍କ ସହାୟତା ରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ କୋରା ପହଞ୍ଚିବା ପରେ କାର୍ଯ୍ୟରତ ଡାକ୍ତର କୋରା ଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଘଟ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। କୋରା ଙ୍କ ମୃତ୍ୟୁ ଖବର ଶୁଣି ସମାଜସେବୀ ନିରଞ୍ଜନ ଜେନା (କାଳିଆ) ଏବଂ ସରପଞ୍ଚ ଙ୍କ ପ୍ରତିନିଧି ମକରମ ସ୍ୱାଇଁ ପରିବାର କୁ ସମବେଦନା ଜଣାଇଥିଲେ। କୋରା ଙ୍କ ଶବ କୁ ଆସନ୍ତାକାଲି ଆସିକା ରେ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

# ମହିଳା ଓ୍ୱାକଷରେଶ କ୍ଲବ ଅଫ ତରଫରୁ ଜରା ନିବାସରେ ସାମାଜିକ କାର୍ଯ୍ୟ

**ବ୍ରହ୍ମପୁର,୨୪।୬ :** ଗୋପାଳପୁର ରୋଡ ସ୍ଥିତ ରାମଚନ୍ଦ୍ରପୁର ଗ୍ରାମ ସ୍ଥିତ ମହାନ ସଙ୍ଘ ଦ୍ୱାରା ପରିଚାଳିତ ବିଶ୍ୱ ନିକେତନ ଜରା ନିବାସ ଠାରେ ମହିଳା ଓ୍ୱାକଷରେଶ କ୍ଲବ ଅଫ ବ୍ରହ୍ମପୁର ତରଫରୁ ସାମାଜିକ କାର୍ଯ୍ୟକ୍ରମ ଅବସରରେ ଚାଉଳ, ଡାଲି, ଅଟା, ଗାମୁଛା, ସହ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯିବାସହ ଅନ୍ତେବାସୀ ଓ ସଦସ୍ୟାଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ କ୍ଲବ ସଭାନେତ୍ରୀ ଶ୍ରୀମତୀ ଜେ ସୁଷମା ରାଣୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛିକ୍ଷ ଏହି ଅବସରରେ ମହାନ ସଙ୍ଘ ତଥା ବିଶ୍ୱ ନିକେତନ ସଭାପତି ଅତିଥି ଭବେ ଯୋଗଦେଇ କ୍ଲବ ର କାର୍ଯ୍ୟକ୍ରମ କୁ ପ୍ରଶଂସା କରିବା ସହ ବରିଷ୍ଠ ନାଗରିକ ମାନଙ୍କୁ ସବୁ ଜାଗାରେ ସାହାଯ୍ୟ କରିବା ସହ ପିତା ମାତା ମାନଙ୍କ ଦାୟିତ୍ୱ ନେବା ସହ ସେମାନଙ୍କୁ ସନମାନ ର ସହ ପରିବାର ରେ ରଖିବା ନିମନ୍ତେ ସଚେନତା ସୃଷ୍ଟି କରିବା ନିମନ୍ତେ ଅନୁରୋଧ କରିଥିଲେ । ସମ୍ପାଦିକା ଶ୍ରୀମତୀ କେ ଉଷା ରାଣୀ ଧନ୍ୟବାଦ ପ୍ରଦାନ କରିଥିବା ବେଳେ କୋଷାଧକ୍ଷକ୍ଷ ଇ ଛାୟା ଦେବୀ, ଉପସଭାନେତ୍ରୀ ଶ୍ରୀମତୀ ଯାଜ୍ଞସେନି, ପୂର୍ବତନ ସଭାନେତ୍ରୀ ଭୀ ପଦ୍ମଜା, ଟି ଅନୁରାଧା, ସୀତା ଦେବି, ମିନାକ୍ଷୀ, ବି ଜୟଲକ୍ଷ୍ମୀ, ଭି କ୍ରିଷ୍ଣାଭେନି, ଏମ ଅନୁରାଧା, ମହାଲକ୍ଷ୍ମୀ, କେ ସୁଚିତ୍ରା, ରାଧାରାଣୀଙ୍କ ସମେତ ତିରିଶି ରୁ ଉର୍ଦ୍ଧ ସଦସ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତ ରେ ଅଧିକ ସହଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସଭାନେତ୍ରୀ ଶ୍ରୀମତୀ ଜେ ସୁଷମା ରାଣୀ ପ୍ରକାଶ କରିଥିଲେ ।

## ଆରୋଗ୍ୟ ମନ୍ଦିର ନା ବ୍ୟବସାୟ କେନ୍ଦ୍ର ?

# ସିମେଣ୍ଟ-ଚାଉଳ ବ୍ୟବସାୟକୁ ନେଇ ତୀବ୍ର ଅସନ୍ତୋଷ

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବେନିୟମ କାରବାର ଅଭିଯୋଗ ତଦନ୍ତ ଦାବିରେ ତାତିଲେ ପଞ୍ଚାୟତବାସୀ



**ଜଗତସିଂହପୁର,୨୪।୬ :** ସରକାର ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଉପସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରୁଥିବା ବେଳେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଣିତୋ ପଞ୍ଚାୟତର ଡଗରପଡା ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ସାମ୍ନାକୁ ଆସିଛି ଚମକପ୍ରଦ ଅଭିଯୋଗ। ଯେଉଁ ଭବନରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳିବା କଥା, ସେଠାରେ ଖୋଲାଖୋଲି ସିମେଣ୍ଟ ଓ ଚାଉଳ ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସମଗ୍ର ପଞ୍ଚାୟତରେ ଅସନ୍ତୋଷ ତୀବ୍ର ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବଣିତୋ ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଗୋଛାୟତଙ୍କ ପ୍ରତିନିଧି ଦୀପକ ଗୋଛାୟତଙ୍କ ନିର୍ଦ୍ଦେଶରେ ଦୀର୍ଘଦିନ ଧରି ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଫଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଥିବା ସହ ସରକାରୀ ସମ୍ପତ୍ତିର ଦୁରୁପଯୋଗ ହେଉଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା କଥା, ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ଜନସାଧାରଣଙ୍କ ଜୀବନରକ୍ଷା ପାଇଁ ନିର୍ମିତ ଏକ ପବିତ୍ର ସ୍ଥାନ। ସେହି ସ୍ଥାନକୁ ଯଦି ବ୍ୟବସାୟ କେନ୍ଦ୍ରରେ ପରିଣତ କରାଯାଏ, ତେବେ ଏହା କେବଳ ପ୍ରଶାସନିକ ଅବହେଳା ନୁହେଁ, ବରଂ ସରକାରୀ ବ୍ୟବସ୍ଥା ପ୍ରତି ଏକ ଖୋଲା ଚ୍ୟାଲେଞ୍ଜ ବୋଲି ସେମାନେ କହିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି ଯେ, ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ବ୍ୟବସାୟ କରିବା ପାଇଁ ଅନୁମତି ଦେଲା କିଏ? କେଉଁ ନିୟମ ଅନୁଯାୟୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଦାମ କିମ୍ବା ବ୍ୟବସାୟିକ ସ୍ଥାନ ଭାବେ ବ୍ୟବହାର କରାଗଲା? ଏହା ପଛରେ କାହାର ପ୍ରଶ୍ରୟ ରହିଛି? ଏଭଳି ଅନେକ ପ୍ରଶ୍ନ ବର୍ତ୍ତମାନ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି। ଗ୍ରାମବାସୀ ଓ ପଞ୍ଚାୟତବାସୀ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଛନ୍ତି। ଯଦି ଏଭଳି କାର୍ଯ୍ୟ ବନ୍ଦ ନହୁଏ, ତେବେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ଏବଂ ଜିଲ୍ଲାବ୍ୟାପୀ ପ୍ରତିବାଦ ଗଢ଼ି ଉଠିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସ୍ୱାସ୍ଥ୍ୟସେବା ପାଇଁ ନିର୍ମିତ ଆରୋଗ୍ୟ ମନ୍ଦିର ଯଦି ରାଜନୈତିକ ପ୍ରଭାବ ଓ ବ୍ୟକ୍ତିଗତ ସ୍ୱାର୍ଥର କେନ୍ଦ୍ର ପାଲଟିଯାଏ, ତେବେ ଏହା ଗ୍ରାମୀଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଉଦ୍ବେଗଜନକ ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଏସ୍.ଏନ୍. କ୍ଲାସେସ୍‌ର ଗ୍ରୀଷ୍ମକାଳୀନ ଉଜ୍ଜାପନି ଉତ୍ସବ

**ବଲାଙ୍ଗୀର,୨୪।୬ :** ଜିଲ୍ଲାର ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଲେଖକ ପରିଷଦର ସମ୍ପାଦକ କବି ସୁଶାନ୍ତ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ କବି ଭିକାରି ଚରଣ ମିଶ୍ର, ମୁଖ୍ୟ ବକ୍ତା ଭାବରେ ଅଧ୍ୟାପିକା ଶ୍ରୀମତି ଅଳକାନନ୍ଦା ମଲ୍ଲ, ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଦିଲ୍ଲିପ କୁମାର ପଶାୟତ ଓ ବ୍ରହ୍ମାନନ୍ଦ ପୁହାଣ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ମୁଖ୍ୟ ଅନୁଜ ରଞ୍ଜନ ଛତ୍ରିଆ ସଭାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବିଜ୍ଞାନ ପ୍ରଦର୍ଶନି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଗୁଲାବ ତାଣ୍ଡି, ଅଙ୍କିତ୍ ପାୟସିଂ ଗୋପିଲ୍ୟ ମେହେର ଙ୍କୁ ଓ ଜୁନିୟର ବର୍ଗରେ ସର୍ବଶ୍ରୀ ସୋଲେମନ୍ ଶିକା, ଦିପ୍ତିମୟି ମେହେର, ତନୁ ମେହେର ଓ ସାଇସ୍ମୃତି ବେହେରା ଙ୍କୁ ପୁରସ୍କୃତ କରାଯାଇଥିଲା । ସତ୍ୟମ୍ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ମାନଙ୍କ ମଧ୍ୟରୁ ଉଦ୍‌ଘୋଷକ ଭାବରେ ରାମକୃଷ୍ଣ ପାଢ଼ି, ରାଜ୍ ମିଶ୍ର, ସୌନକ ପାଢ଼ି, ଓ ଆରାଧ୍ୟା ଶର୍ମା ଦାୟିତ୍ୱ ତୁଲାଇଥିଲେ । ଅନୁଷ୍ଠାନ ର ଶିକ୍ଷକ ସର୍ବଶ୍ରୀ ରମିୟରଞ୍ଜନ ମିଶ୍ର, ବିନୋଦ ସୁନା, ଅଜୟ କିଶାନ, ସୁଶ୍ରୀ ସାକ୍ଷୀ କୋରି,




ପରମେଶ୍ୱର ଦୀପ ପ୍ରମୁଖ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହଯୋଗ ଫଳରେ ସଭା ସାଫଲ୍ୟ ମଣ୍ଡିତ ହୋଇଥିଲା । ଶେଷରେ ଶିକ୍ଷକ ରୋହନ୍ ହରପାଲ ଧନ୍ୟବାଦ ଦେଇଥିଲେ ।

# ଶିଶୁ ଶ୍ରମମୁକ୍ତଗଠନ ପାଇଁ ସମନ୍ୱିତ ପଦକ୍ଷେପର ଆହ୍ୱାନ

**ବାଲେଶ୍ୱର,୨୪।୬ :** ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ "ରାଜ୍ୟସ୍ତରୀୟ ଶିଶୁଶ୍ରମ ନିରାକରଣ ଅଭିଯାନ" ଅନ୍ତର୍ଗତ ଏକ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ବୁଧବାର ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ,



ୟୁନିସେଫ୍‌ର ରିସୋର୍ସ ପର୍ସନ୍ ନେହା ସିଂ, ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରା ପ୍ରମୁଖ ଯୋଗଦେଇ ଶିଶୁ ଶ୍ରମ ନିରାକରଣ ସମ୍ପର୍କରେ ମତ ରଖିଥିଲେ। ବକ୍ତାମାନେ ଶିଶୁମାନଙ୍କୁ ଶିକ୍ଷାର ମୌଳିକ ଅଧିକାର ସୁନିଶ୍ଚିତ କରିବା, ଶିଶୁ ଶ୍ରମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଓ ଶିଶୁ ଶ୍ରମମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ବାଲେଶ୍ୱର ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସମସ୍ତ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଜନତାଙ୍କ ସମନ୍ୱିତ ସହଯୋଗ ଆବଶ୍ୟକ ବୋଲି ଆହ୍ୱାନ ଦିଆଯାଇଥିଲା। କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ, କ୍ଷେତ୍ର କର୍ମଚାରୀ ଓ ସମ୍ପୃକ୍ତ ଅଂଶୀଦାରମାନେ ଉପସ୍ଥିତ ରହି ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଆଇନ, ସଚେତନତା ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ନିଶା ନିବାରଣ ପାଇଁ ସଚେତନତା




**କୋଦଳା, ୨୪।୬ :** ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଭାରତ ସରକାର ଙ୍କ ତରଫରୁ ଜୀବନ ଜ୍ୟୋତି ନିଶାମୁକ୍ତ କେନ୍ଦ୍ର, ଭୈରବୀ କ୍ଲବ, ଖୋର୍ଦ୍ଧା ମାଧ୍ୟମରେ ନିଶା ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀଯୁକ୍ତ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ନିଶାମୁକ୍ତ ଜୀବନ ଓ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଆଜିର କାର୍ଯ୍ୟକ୍ରମରେ ଜୀବନଜ୍ୟୋତି ନିଶା ମୁକ୍ତ କେନ୍ଦ୍ର ଭୈରବୀ କ୍ଲବ ଖଲିକୋଟ ର ପ୍ରକଳ୍ପ ସଂଯୋଜକ ପ୍ରିୟବ୍ରତ ରାଉତରାୟ ଯୋଗଦେଇ ନିଶା ନିବାରଣ ନିମନ୍ତେ ଛାତ୍ରଛାତ୍ରୀ ଙ୍କୁ କହିଥିଲେ । ସାମାଜିକ କର୍ମୀ କରୁଣାକର ପାହାଡ଼ସିଂ ଓ ସୁମନ ବାଡତ୍ୟା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଯୁବ ରେଡ଼କ୍ରସ ସଂଯୋଜକ ଶ୍ରୀ ରତ୍ନାକର ପ୍ରଧାନ ଓ ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସାଗରିକା ଦାଶ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଶ୍ରୀମତୀ ତପସ୍ୱିନୀ କରଣ ଧନ୍ୟବାଦ ଅର୍ପଣ କରିଥିଲେ । ନିଶାମୁକ୍ତ ସମାଜ ଗଠନରେ ଯୁବଶକ୍ତି ର ଭୂମିକା ଶୀର୍ଷକ ଏକ ପ୍ରବନ୍ଧ ପ୍ରତିଯୋଗିତା ରେ ଭାଗ ନେଇଥିବା ଲିପ୍ସା ମୁଦୁଲି, ଜ୍ୟୋତିପ୍ରଭା ସେଠି ଓ ଗୌତମୀ ପରିଡ଼ାଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଅଧିକାର କରିଥିବାରୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଶା ନିବାରଣ ସମ୍ପର୍କେ ଏକ ରାଲି ସ୍ଥାନୀୟ କାକୁଡିଆପଡା ଗ୍ରାମରେ ହୋଇଥିଲା। ଫିଟ ଓଡିଶା କଲେଜ ପ୍ରୋଗ୍ରାମ, ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା ଏବଂ ଜୀବନ ଜ୍ୟୋତି ନିଶା ମୁକ୍ତ କେନ୍ଦ୍ର, ଖଲ୍ଲିକୋଟଙ୍କ ସହଯୋଗରେ ଆଜିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜୀବନ କୁ ହଁ ଓ ନିଶାକୁ ନା ର ନୋଡାଲ ଅଧିକାରୀ ଶ୍ରୀ ସପନ କୁମାର ଦାଶ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନୀତିନିଷ୍ଠ ନବକୃଷ୍ଣ ଚୌଧୁରୀଙ୍କ ମହାପ୍ରୟାଣ ଦିବସ ପାଳିତ



**ବାଲେଶ୍ୱର,୨୪।୬ :** ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ନୀତିନିଷ୍ଠ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ମହାପ୍ରୟାଣ ଦିବସ ବୁଧବାର ନିଳିଆବାଗସ୍ଥିତ ସଂଗଠନର କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାର ସହ ପାଳନ କରାଯାଇଛି। ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କୁନ୍ତଳା କୁମାରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସି ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। 'ମନା'ର ମୁଖ୍ୟ ପରାମର୍ଶଦାତା ସୁବ୍ରତ କର ଓ ସାଧାରଣ ସମ୍ପାଦିକା ମମତା ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ୧୯୫୬ ମସିହାର ନିଶା ନିବାରଣ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଦାବି ଜଣାଇଥିଲେ। ବକ୍ତାମାନେ ପରାଧୀନ ଭାରତରେ ନବକୃଷ୍ଣ ଚୌଧୁରୀଙ୍କ 'ବ୍ରିଟିଶ୍ ହଟାଅ, ନିଶା ହଟାଅ' ଆହ୍ୱାନର ପ୍ରାସଙ୍ଗିକତା ଉପରେ ଆଲୋଚନା କରି ବର୍ତ୍ତମାନ ସମାଜରେ ନିଶାମୁକ୍ତ ପରିବେଶ ଗଠନର ଆବଶ୍ୟକତା ଉପରେ ମତ ରଖିଥିଲେ। ସଭାରେ ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ଅର୍ଚ୍ଚନା ନନ୍ଦୀ, ଅକ୍ଷୟ କୁମାର ତ୍ରିପାଠୀ, ବେଣୁଧର ସାହୁ, କଲ୍ୟାଣୀ ନନ୍ଦ, ଗଙ୍ଗାଧର ପୃଷ୍ଟି ଓ ଲକ୍ଷ୍ମଣ ଚରଣ ବିଶ୍ୱାଳ ପ୍ରମୁଖ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ଓ ଅବଦାନ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୋଗେଶ ଚନ୍ଦ୍ର ପ୍ରଧାନ, ଅନନ୍ତ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ସଞ୍ଜୟ କୁମାର ପଣ୍ଡା, ଭାସ୍କର ଚନ୍ଦ୍ର ମିଶ୍ର, ଭାରତୀ ପଣ୍ଡା, ରବିନାରାୟଣ ଭୋଳ, କ୍ରିଷ୍ଣା ସାହା, ସ୍ନେହଲତା ପତି, ସନାତନ ଦାସ ଓ ସୀତାରାମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ତ୍ରିଦିବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିର ପ୍ରଶିକ୍ଷଣ ଶିବିର



**କଣ୍ଟାବାଞ୍ଜି,୨୪।୬ :** ନିର୍ବାଚନ ଆୟୋଗଙ୍କ ଦ୍ୱାରା ଚାଲିଥିବା ଏସ୍,ଆଇ, ଆର କାର୍ଯ୍ୟକୁ ସୁଚାରୁ ରୂପେ କରିବା ନିମନ୍ତେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବୁଧବାର କଣ୍ଟାବାଞ୍ଜି ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ବୁଥ ସ୍ତର ଏଜେଣ୍ଟଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ର ଯୁବ ନେତା ଗିରିରାଜ ସିଂ ମାଝୀ ଏନେଇ ନିର୍ବାଚନ ମଣ୍ଡଳୀ ର ୩୩୫ ଟି ବୁଥ ରେ ଭୋଟର ତାଲିକାରେ ନାମ ଯୋଡ଼ା, କଟା ଓ ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଏଜେଣ୍ଟଙ୍କୁ ସମ୍ପୂର୍ଣ୍ଣ ଅବଗତ କରାଇବା ସହ ଫର୍ମ-୬, ଫର୍ମ-୭, ଫର୍ମ-୮ ଠିକ୍ ଭାବେ ପୂରଣ କରି BLOଙ୍କ ମାଧ୍ୟମରେ ଦାଖଲ କରିବାରେ ଭୋଟରଙ୍କୁ ସହାୟତା କରିବା। କୌଣସି ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ନପଡ଼େ ଓ ଅଯୋଗ୍ୟ ନାମ ନଥାଏ ସେଥିପାଇଁ ବୁଥ୍ ସ୍ତରେ କଡ଼ା ନଜର ରଖିବା ସଠିକ୍ ଭୋଟର ତାଲିକା ହିଁ ଗଣତନ୍ତ୍ର ମୂଳ। ପ୍ରତି ବୁଥ୍ ଏଜେଣ୍ଟ ସକ୍ରିୟ ହୋଇ କାମ କଲେ ହିଁ ଆମେ ସୁଷ୍ଠୁ ନିର୍ବାଚନ କରାଇପାରିବା ବୋଲି ବିଜେଡ଼ି ନେତା ଶ୍ରୀ ମାଝୀ ପ୍ରଶିକ୍ଷଣ ଦେଇ କହିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ବିଜେଡ଼ି ନେତ୍ରୀ ନିରୁପମା ମାଝୀ, ପିଙ୍କି ଖର୍ସେଲ,ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦେବାର ବାରିକ, ବିଜେଡ଼ି ନେତା ଶ୍ରୀଧର ମାଝି, ଧନଞ୍ଜୟ ମାହାନନ୍ଦ, ପ୍ରେମିଶ ଚନ୍ଦ୍ର ବାଗ, ଦୈତାରୀ ଭୋଇ, ତ୍ରିବିକ୍ରମ ବେହେରା, ଅଭିଲାଶ ବଘାର,ଦିଲିପ ପୃଷ୍ଟି, ଆଶାଦୁଲା ଖାଁ, ଚମ୍ପେଶ୍ୱର ବାଗ, ଆଶିଷ ବେହେରା, ଦେବରାଜ ଯାଦବ, ବିଷ୍ଣୁ ଜୁଏଡ, ସହ ଶହ ଶହ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପିଏମ-ସ୍ୱନିଧି ଲୋକ କଲ୍ୟାଣ ମେଳା, ୩୫ ହିତାଧିକାରୀଙ୍କୁ ଋଣପତ୍ର ବଣ୍ଟନ



**ପୁରୁଷୋତ୍ତମପୁର,୨୪।୬ :** ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିଅମ୍‌ରେ ରାଜ୍ୟ ସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା ଅନୁକୂଳରେ ପିଏମ-ସ୍ୱନିଧି ଲୋକ କଲ୍ୟାଣ ମେଳା ଓ ଜନ ଭାଗିଦାରୀ କାର୍ଯ୍ୟକ୍ରମ (ବିକଶିତ ଓଡିଶା-୨୦୨୬) ଭବ୍ୟ ଭାବରେ ଆୟୋଜିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାସ୍ତା ବ୍ୟବସାୟୀଙ୍କ ହାତକୁ ଆର୍ଥିକ ଶକ୍ତି ପହଞ୍ଚାଇବା ସହ ବିକଶିତ ଓଡିଶା ଗଠନରେ ଜନସାଧାରଣଙ୍କ ସକ୍ରିୟ ଭାଗିଦାରୀ ସୁନିଶ୍ଚିତ କରିବା। ଏହି କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀଙ୍କ ସହ ଅତିଥିଭାବେ ସଂସଦ ପ୍ରତିନିଧି ବିଶ୍ୱଭୂଷଣ ମହାପାତ୍ର ଏବଂ ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା ଉପସ୍ଥିତ ଥିଲେ। ସେମାନେ ପିଏମ-ସ୍ୱନିଧି ଯୋଜନା ଅଧୀନରେ ୩୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଋଣ ଅନୁମୋଦନ ପତ୍ର ପ୍ରଦାନ କରିଥିଲେ। ବିଧାୟକ ପ୍ରତିନିଧି ତାଙ୍କ ଅଭିଭାଷଣରେ କହିଥିଲେ ଯେ ପିଏମ-ସ୍ୱନିଧି ଯୋଜନାକୁ ଭାରତ ସରକାରଙ୍କ ଦ୍ୱାରା ୧ ଜୁନ ୨୦୨୦ ରେ ଆରମ୍ଭ କରାଯାଇଥିଲା। କୋଭିଡ୍-୧୯ ମହାମାରୀ ସମୟରେ ରାସ୍ତାକଡ଼ ବ୍ୟବସାୟୀମାନେ ଗୁରୁତର ଆର୍ଥିକ ସଙ୍କଟରେ ପଡ଼ିଥିବାରୁ ସେମାନଙ୍କୁ ପୁନର୍ବାର ବ୍ୟବସାୟରେ ସ୍ଥିର କରିବା, ଆର୍ଥିକ ସହାୟତା ପ୍ରଦାନ କରିବା ଓ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଯୋଜନାର ସଂଯୋଜିକା ଶ୍ରଦ୍ଧାଞ୍ଜଳି ନାୟକ ଉପସ୍ଥିତ ଲୋକମାନଙ୍କୁ ଏହାର ବିଭିନ୍ନ ସୁବିଧା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ପରିଷଦ ଅଧ୍ୟକ୍ଷ ତାଙ୍କ ଭାଷଣରେ କହିଥିଲେ ଯେ ରାସ୍ତା ବ୍ୟବସାୟୀମାନେ ଏହି ଯୋଜନା ମାଧ୍ୟମରେ ଜମାନତ ବିନା ମୂଳଧନ ଋଣ, ସୁଦ ସବସିଡି ଓ ଡିଜିଟାଲ ଲେନଦେନ ପାଇଁ ପ୍ରୋତ୍ସାହନ ପାଇପାରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୫,୦୦୦ ଋଣ ସୁବିଧା ଥିବାବେଳେ, ସମୟମତେ ଋଣ ପରିଶୋଧ କଲେ ୨୫,୦୦୦ ଓ ୫୦,୦୦୦ ପର୍ଯ୍ୟନ୍ତ ଅଧିକ ଋଣ ପାଇବାର ସୁଯୋଗ ରହିଛି। କାର୍ଯ୍ୟକ୍ରମରେ ବ୍ୟାଙ୍କ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହି ସରକାରଙ୍କ ଏହି ଜନକଲ୍ୟାଣମୂଳକ ଯୋଜନାକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ। ମେଳାରେ ରାସ୍ତା ବ୍ୟବସାୟୀ, କ୍ଷୁଦ୍ର ବ୍ୟବସାୟୀ ଓ ସହରାଞ୍ଚଳର ବିଭିନ୍ନ ବର୍ଗର ଲୋକମାନେ ଯୋଗଦେଇ ଯୋଜନାର ବିଭିନ୍ନ ସୁବିଧା ବିଷୟରେ ଅବଗତ ହୋଇଥିଲେ।

# ୨୬ରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ ପାଇଁ ବିଜେପିର ପ୍ରସ୍ତୁତି



**ବାଲେଶ୍ୱର,୨୪।୬ :** ଆସନ୍ତା ୨୬ ଜୁନରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ ଅବସରରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ବିଜେପି ପକ୍ଷରୁ ବୁଧବାର ସ୍ଥାନୀୟ ସର୍କିଟ ହାଉସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖା ଉପସ୍ଥାପନ କରିଥିଲେ। ସେ କହିଥିଲେ, ଉକ୍ତ ଦିବସରେ ସ୍ୱଚ୍ଛ ଭାରତ ଅଭିଯାନ, ବୃକ୍ଷରୋପଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସମ୍ପର୍କ କାର୍ଯ୍ୟକ୍ରମ ଓ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରାଯିବ। ଏଥିପାଇଁ ବିଭିନ୍ନ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବା ସହ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ବୈଠକରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ମମତା ମହାପାତ୍ର, ପର୍ଶୁରାମ ପରିଡ଼ା, ଚନ୍ଦ୍ରଶେଖର ନନ୍ଦ, ଡ଼. ଅଂଶୁମାଧବ ପଣ୍ଡା, ଗୌରାଙ୍ଗ ଚରଣ ଦାସ, ଚିତ୍ତରଞ୍ଜନ ପଣ୍ଡା, ଶ୍ରୀନିବାସ ପ୍ରଧାନ, ରଣଜିତ ପୃଷ୍ଟିଙ୍କ ସମେତ ବହୁ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କପିଟି ସିଧାସଳଖ ଖବରକାଗଜରେ ପ୍ରକାଶଯୋଗ୍ୟ ଶୈଳୀରେ ପ୍ରସ୍ତୁତ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୫ ଜୁନ୍ ୨୦୨୬

## ବ୍ଲକରେ 'ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ



**ସୋରଡା,୨୪।୬ :** ଓଡ଼ିଶା ସରକାରଙ୍କ କାର୍ଯ୍ୟକାଳ ୨ ବର୍ଷ ପୂର୍ତ୍ତି ଅବସରରେ ଗଞ୍ଜାମ ଜିଲ୍ଲା ସୋରଡ଼ା ପଞ୍ଚାୟତ ସମିତି ପରିସରରେ 'ବିକାଶ ଧାରା ଓଡ଼ିଶା ସାରା' 'ଜନସମ୍ପର୍କ ଓ ସଚେତନତା' କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ସୋରଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତନ୍ମୟ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ , ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସୋରଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅମୁଲ୍ୟ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ତଥା ଦୁଇବର୍ଷର ଉପଲବ୍ଧି ଉପରେ ସଚେତନତା ସୃଷ୍ଟି କରିଥିବା ବେଳେ ସୋରଡା ବ୍ଲକ୍ ରେ ହୋଇଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକୁ ସୁଚାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ପ୍ରକଳ୍ପ ଓ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉପକରଣ ପ୍ରଦର୍ଶିତ ହୋଇଥଲା। ଏତଦ୍ ବ୍ୟତୀତ କୃଷି,ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗ ତରଫରୁ ଷ୍ଟଲ୍ ଲଗାଯାଇ ବିଭାଗୀୟ ସମ୍ପର୍କିତ ଯୋଜନା ଗୁଡିକ ଉପରେ ଲୋକଙ୍କୁ ପରିଚିତ କରାଇ ସେଥିରୁ ମିଳୁଥିବା ଉପାଦେୟତା ନେଇ କହିଥିଲେ। ଇତି ଅବସରରେ ସୋରଡା ବିଧାୟକ ନୀଳମଣି ବିଷୋୟୀ ବିକାଶ ଦିଗରେ ହାତକୁ ନେଇଥିବା କାର୍ଯ୍ୟ ବିଷୟରେ ସବିଶେଷ କହିଥିଲେ।

## ସନ୍ତୋଷପୁରରେ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ



**ବସ୍ତା,୨୪।୬ :** ସନ୍ତୋଷପୁର ପଞ୍ଚାୟତ ରେ ଆଜି ରାଜ୍ୟ ସରକାର ଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମ ଦାସ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର,ସ୍ଥାନୀୟ ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର,ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଅଜୟ କୁମାର ଦାସ,ଏଡିଇଓ ରଘୁନାଥ ସାହୁ,ଜିଆର୍ ଏସ୍ ସ୍ୱପ୍ନେଶ୍ୱର ଜେନା,ସମାଜସେବୀ ଅନିଲ୍ କୁମାର ସାହୁ,ସନ୍ତୋଷ କୁମାର ଦାସ ମହାପାତ୍ର,ରାଧାକୃଷ୍ଣ ମାଝୀ,ଅଙ୍ଗନବାଡି ସଙ୍ଘ ର ନେତ୍ରୀ ଗୀତାରାଣୀ ପଣ୍ଡା ଓ ଏମ୍ପିକେ ଚିତ୍ରରେଖା ପାତ୍ର ପ୍ରମୁଖ ଯୋଗଦେଇ ସରକାର ଙ୍କ ଗତ ୨ ବର୍ଷ ର ବିଭିନ୍ନ ଜନକଲ୍ୟାଣ କାରୀ ଯୋଜନା ଓ ସୁଶାସନ ର ବାର୍ତ୍ତା ଉପସ୍ଥିତ ସମସ୍ତ ହିତାଧିକାରୀଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଏନ୍ଏମ୍ ରଶ୍ମିତା ଜେନା,ସ୍ୱାସ୍ଥ୍ୟକର୍ମୀ ଚନ୍ଦନ କୁମାର ଦାସ,ସମସ୍ତ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ରହି ୩୫ ଜଣ ଙ୍କ ମ୍ୟାଲେରିଆ,ରକ୍ତହୀନତା ଓ ଏନସିଡ଼ି ଆଦିର ପରୀକ୍ଷା,୪ ଜଣ ଙ୍କୁ ବୟୋବନ୍ଦନା କାର୍ଡ,୧୩ ଜଣ ଙ୍କୁ ଆୟୁଷ୍ମାନ କାର୍ଡ, ସୁଭଦ୍ରା ଶକ୍ତି ଅଧିନରେ ୩୫ ଜଣ ଙ୍କୁ ଲକ୍ଷପତି ଦିଦି ,ଅନ୍ତୋଦୟ ଗୃହ ଯୋଜନା ରେ ୨ କାର୍ଯ୍ୟାଦେଶ ଓ ଜଣଙ୍କୁ ବୋନସ୍ ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ୨ ଜଣଙ୍କୁ କାର୍ଡ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ସମସ୍ତ ଅଙ୍ଗନବାଡି କର୍ମୀ,ମହାସଙ୍ଘ ଓ ମହିଳା ଗୋଷ୍ଠୀର ସଦସ୍ୟା ମାନେ ସହଯୋଗ କରିଥିଲେ।

## ନିଖିଳ ଉତ୍କଳ କ୍ଷତ୍ରିୟ ବଡସୁଦ/ସୁଦ ସମାଜ ପୂର୍ବାଞ୍ଚଳ ଜିଲ୍ଲା ବୋର୍ଡ଼ ପକ୍ଷରୁ ପୁରୁଣା କଟକ ରେ ପ୍ରଥମ ବାର୍ଷିକ ଉତ୍ସବ



**ବୌଦ୍ଧ,୨୪।୬ :** ନିଖିଳ ଉତ୍କଳ କ୍ଷତ୍ରିୟ ବଡସୁଦ/ସୁଦ ସମାଜ ପୂର୍ବାଞ୍ଚଳ ଜିଲ୍ଲା ବୋର୍ଡ଼ ପକ୍ଷରୁ ଜିଆଁକଟା (ପୁରୁଣା କଟକ) ଠାରେ ପ୍ରଥମ ବାର୍ଷିକ ଉତ୍ସବ ଶୃଙ୍ଖଳା ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ଚାରି ଜିଲ୍ଲା ବୋର୍ଡ଼ର ସଭାପତି ଓ କମିଶନରମାନଙ୍କ ମଧ୍ୟରୁ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୂର୍ବାଞ୍ଚଳ ଜିଲ୍ଲା ବୋର୍ଡ଼ ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବାଞ୍ଚଳର ୧୩ଟି କେନ୍ଦ୍ର ମଧ୍ୟରୁ ୧୧ଟି, ପଶ୍ଚିମାଞ୍ଚଳର ୧୫ଟି ମଧ୍ୟରୁ ୫ଟି, ଉତ୍ତରାଞ୍ଚଳର ସମସ୍ତ ୮ଟି ଏବଂ ଦକ୍ଷିଣାଞ୍ଚଳର ୫ଟି ମଧ୍ୟରୁ ୪ଟି କେନ୍ଦ୍ରର ସଭାପତି ଯୋଗଦେଇଥିଲେ। ଜଣେ ସଭାପତି ଅସୁସ୍ଥତା କାରଣରୁ ଅନୁପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଆରାଧ୍ୟ ଦେବୀ ମା' ଖମ୍ଭେଶ୍ୱରୀଙ୍କ ନିକଟରେ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରାଯାଇ ଭଜନ-ଜଣାଣ ମାଧ୍ୟମରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସମାଜର ଶୃଙ୍ଖଳା ରକ୍ଷା, ଶିକ୍ଷାର ପ୍ରସାର, ବାଲ୍ୟ ବିବାହ ଓ ନିଶା ସେବନ ନିଷେଧ, ମା'ମାନଙ୍କୁ ସମ୍ମାନ ପ୍ରଦାନ, ଅସହାୟ ବ୍ୟକ୍ତିଙ୍କୁ ସହାୟତା ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ର ସ୍ତରରେ ପୁରସ୍କୃତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସ୍ଥିର କରାଯାଇଥିଲା। ଉତ୍ସବରେ ଉପସଭାପତି ଶ୍ରୀ ଶ୍ରୀବନ୍ତ ମାଝୀ, ସମ୍ପାଦକ ବିପିନ ବିହାରୀ ଠାକୁର, ସହ-ସମ୍ପାଦକ ବ୍ରହ୍ମାନନ୍ଦ ଭୋକ୍ତା, କୋଷାଧ୍ୟକ୍ଷ ପ୍ରମୋଦ ଗୁରୁ, ମୁଖ୍ୟ ବିଚାରକ ଗୋପାଳ ଭୋକ୍ତା, ପବିତ୍ର ମୋହନ ଭୋକ୍ତା, ପଦ୍ମଚରଣ ଭୋକ୍ତା ଏବଂ ମାତୃ ବିଚାରକ ଅନୁସୟା ମାଝୀ ଓ ଇତିଶ୍ରୀ ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ସ୍ୱଜାତି ଭାଇ, ମା' ଓ ଭଉଣୀମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତବାସି ଭେଟି ସମସ୍ୟା ବୁଝିଲେ ବିଧାୟକ

**ଆଠମଲ୍ଲିକ, ୨୪।୬ :** ଆଠମଲ୍ଲିକ ବ୍ଲକର ଦୁଇ ପଞ୍ଚାୟତ ଟୁସର ଓ କିଆକଟା ପଞ୍ଚାୟତ ର ଅଧିବାସୀ ଙ୍କୁ ଦୁଇ ଦିନ ଧରି ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ ଗସ୍ତ କରି ବିଭିନ୍ନ ଗ୍ରାମବାସୀ ଙ୍କ ସହିତ ଆଲୋଚନା କରିଥିବା ଜଣା ପଡିଛି । ଗସ୍ତ ସମୟ ରେ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, ବ୍ଲକ ସଭାପତି ମହେଶ୍ୱର ଦେହୁରୀ, ସରପଞ୍ଚ ଅଶୋକ ପ୍ରଧାନ ଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଧାୟକ କିଆ କଟା ପଞ୍ଚାୟତ ର ବାଙ୍କ ପାଳ, ନାଏକ ପଡ଼ା, ହେଲେଇ, ଶଙ୍ଖା ମାଳ, ଟୁସର ପଞ୍ଚାୟତ ର ବାଜ ପୁର,ସମେତ ବହୁ ଗ୍ରାମବାସୀ ଙ୍କ ସହିତ ଆଲୋଚନାକରି ବିଭିନ୍ନ ଅଭାବ ଅସୁବିଧା କୁ ଶୁଣି ପର୍ଯ୍ୟାୟ କ୍ରମେ ସମାଧାନ କରା ଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ । ବିଧାୟକ ବିଭିନ୍ନ ଗ୍ରାମ କୁ ପ୍ରବେଶ କଲା ବେଳେ ଗ୍ରାମବାସୀ ମାନଙ୍କ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଲୋକେ ବିଧାୟକ ଙ୍କ ନିର୍ମଳ ଓ ସାହାଯ୍ୟକାରୀ ମାନସିକତା କୁ ପ୍ରଶଂସା କରିଥିଲେ।

# ହଜାର ହଜାର ଲୋକଙ୍କ ଜୀବନରେଖା ପାଲଟିଛି ଦୁର୍ଘଟଣାର ପଥ

### କୁରୁଣ୍ଟି–ଖଲର୍ଦା ରାସ୍ତା ସମ୍ପୂର୍ଣ୍ଣ ପାଇଁ ବିଧାୟକଙ୍କ ହସ୍ତକ୍ଷେପକୁ ନେଇ ବଢ଼ିଲା ଆଶା

**ଫୁଲନଖରା,୨୪।୬ :** କଟକ ଜିଲ୍ଲାର ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକର ୩୩ ନମ୍ବର ଜୋନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁରୁଣ୍ଟି–ଖଲର୍ଦା ରାସ୍ତା ଆଜି ସାଧାରଣ ଜନତାଙ୍କ ପାଇଁ ଏକ ଅଭିଶାପରେ ପରିଣତ ହୋଇଛି। ପ୍ରାୟ ୧୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା କୁରାଙ୍ଗ ପ୍ରଧାନ ପଞ୍ଚାୟତର କୁରୁଣ୍ଟି ଗ୍ରାମରୁ ଆରମ୍ଭ ହୋଇ ଖଲର୍ଦା ପଞ୍ଚାୟତ ଛକରେ ଶେଷ ହୋଇଛି। ଏକ ପଟେ ଜଗତସିଂହପୁର ଜିଲ୍ଲା ଏବଂ ଅନ୍ୟ ପଟେ କଟକ ସହର ସହ ସଂଯୋଗ ସ୍ଥାପନ କରୁଥିବା ଏହି ରାସ୍ତା ଉପରେ ଆଖପାଖର ୧୦ରୁ ୧୫ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭରଶୀଳ।ପ୍ରତିଦିନ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ, ଶ୍ରମିକ, ସରକାରୀ କର୍ମଚାରୀ ଓ ସାଧାରଣ ଯାତ୍ରୀମାନେ ଯାତାୟାତ କରୁଥିବା ବେଳେ ରାସ୍ତାର ଶୋଚନୀୟ ଅବସ୍ଥା ସେମାନଙ୍କ ଦୈନନ୍ଦିନ ଜୀବନକୁ ଦୁର୍ବିଷହ କରିପକାଇଛି। ବର୍ଷ ବର୍ଷ ଧରି ଏହି ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ଏହାର ଉନ୍ନତିକରଣ ନାମରେ ଯାହା ଚାଲିଛି ତାହା ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି।ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ଆର୍ ଆଣ୍ଡ ବି ଡିଭିଜନ–୨ ଅଧୀନକୁ ହସ୍ତାନ୍ତର କରାଯାଇଥିଲା। ପୂର୍ବତନ ନିଆଳି ବିଧାୟକ ଡ଼ା. ପ୍ରମୋଦ କୁମାର ମଲ୍ଲିକଙ୍କ



ଉଦ୍ୟମରେ ୨୦୨୩–୨୪ ମସିହାରେ ରାସ୍ତାର ଉନ୍ନତିକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିଲା ଏବଂ ଜଣେ ଠିକାଦାରଙ୍କୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ପ୍ରାୟ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟର ୫୦ ପ୍ରତିଶତ ମଧ୍ୟ ଶେଷ ହୋଇପାରିନାହିଁ। ବର୍ତ୍ତମାନ ରାସ୍ତାର ଅବସ୍ଥା ଏପରି ଯେ ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ବର୍ଷା ଦିନରେ ସେହି ଖାଲଗୁଡ଼ିକ ପାଣିରେ ପୂରି ଯାଉଥିବାରୁ ରାସ୍ତା ଓ ଖାଲ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ଫଳରେ ପ୍ରତିଦିନ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି। ରାତି ସମୟରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯେଉଁ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଶେଷ ହେବା କଥା, ସେହି କାର୍ଯ୍ୟ ତିନି ବର୍ଷ ଧରି କାହିଁକି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି ? ଠିକାଦାରଙ୍କ ବିରୋଧରେ କାହିଁକି କୌଣସି କଠୋର ପଦକ୍ଷେପ ନିଆଯାଇନାହିଁ ? ବିଭାଗୀୟ ଅଧିକାରୀମାନେ କାହିଁକି ନିରବ ଦର୍ଶକ ସାଜିଛନ୍ତି ? ସାଧାରଣ ଲୋକଙ୍କ ମନରେ ଏବେ ଏହି ପ୍ରଶ୍ନ ଉଠୁଛି ଯେ, ଠିକାଦାର ଓ ବିଭାଗୀୟ କିଛି ଅଧିକାରୀଙ୍କ ମଧ୍ୟରେ କୌଣସି ଅଘୋଷିତ ବୁଝାମଣା ରହିଛି କି, ଯାହା ପାଇଁ ଏତେ ବିଳମ୍ବ ସତ୍ତ୍ୱେ କୌଣସି ଜବାବଦେହିତା ନିର୍ଦ୍ଧାରଣ ହେଉନାହିଁ ? ଏପରି ସମୟରେ ମୋହନ ସରକାର ରାଜ୍ୟରେ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରକଳ୍ପର ଅବହେଳା ସରକାରଙ୍କ ବିକାଶ ଦାବି ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ବର୍ଷା ଆରମ୍ଭ ହେବା ପରେ ଠିକାଦାର କେବଳ ଖାଲଗୁଡ଼ିକରେ ଡଷ୍ଟ ପକାଇ ଦାୟିତ୍ୱ ସାରିଦେଇଥିବା ଅଭିଯୋଗ ହେଉଛି, ଯାହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ।ଏହି ପ୍ରସଙ୍ଗରେ ଆର୍ ଆଣ୍ଡ ବି ବିଭାଗର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଛନ୍ତି ଯେ ରାସ୍ତାକୁ ପ୍ରଶସ୍ତ କରିବା ସହ ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ବିଳମ୍ବ ହେଉଛି ଏବଂ ଆସନ୍ତା ଛଅ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ତେବେ ଏଠାରେ ପୁଣି ପ୍ରଶ୍ନ ଉଠୁଛି, ଯଦି ଗାର୍ଡ ୱାଲ ଓ ପ୍ରଶସ୍ତୀକରଣ ହିଁ ବିଳମ୍ବର କାରଣ, ତେବେ ତିନି ବର୍ଷ ସମୟ କଣ ପାଇଁ ଅପର୍ଯ୍ୟାପ୍ତ ହେଲା ? ସ୍ଥାନୀୟ ଜନସାଧାରଣଙ୍କ ମତରେ, ନିଆଳିର ଜନପ୍ରିୟ ଓ ବିକାଶମୁଖୀ ବିଧାୟକ ଇଂ. ଛବି ମଲ୍ଲିକ ସର୍ବଦା ଜନସମସ୍ୟା ପ୍ରତି ସମ୍ବେଦନଶୀଳ ରହିଆସିଛନ୍ତି। ଅଞ୍ଚଳର ବିକାଶ ପାଇଁ ତାଙ୍କର ସକ୍ରିୟ ଭୂମିକା ଏବଂ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କ ତାଙ୍କୁ ସାଧାରଣ ଲୋକଙ୍କ ନିକଟତର କରିଛି। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କୁରୁଣ୍ଟି–ଖଲର୍ଦା ରାସ୍ତା ପ୍ରସଙ୍ଗରେ ମଧ୍ୟ ସେ ତୁରନ୍ତ ହସ୍ତକ୍ଷେପ କରି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସହ ଆଲୋଚନା କରିବେ ବୋଲି ଲୋକମାନେ ଆଶା ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ଦାବି ହେଉଛି, ଏହି ରାସ୍ତାର କାର୍ଯ୍ୟରେ ହୋଇଥିବା ଅସ୍ୱାଭାବିକ ବିଳମ୍ବର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ, ଦାୟୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ। ନଚେତ ଆଗାମୀ ଦିନରେ ଲୋକଙ୍କ ଅସନ୍ତୋଷ ଆନ୍ଦୋଳନର ରୂପ ନେଇପାରେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏବେ ସମୟ ଆସିଛି ପ୍ରତିଶ୍ରୁତି ନୁହେଁ, କାର୍ଯ୍ୟ ଦେଖାଇବାର। କୁରୁଣ୍ଟି–ଖଲର୍ଦା ରାସ୍ତାର ସ୍ଥାୟୀ ସମାଧାନ ହିଁ ହଜାର ହଜାର ଲୋକଙ୍କ ଦୀର୍ଘଦିନର ଦାବି।

### ବଡ଼ ଡକାୟତି ଯୋଜନା ପଣ୍ଡ

## ୬ ଅଭିଯୁକ୍ତ ଗିରଫ, ବନ୍ଧୁକ, ବୋମା ଓ ମାରଣାସ୍ତ୍ର ଜବତ

### ଗୁପ୍ତ ସୂଚନା ଆଧାରରେ ସହଦେବଖୁଣ୍ଟା ପୋଲିସର ରାତ୍ରିକାଳୀନ ଚଢ଼ଉ ଟ୍ରେନ୍ ଓ ବସ୍ ଯାତ୍ରୀଙ୍କୁ ଲୁଟିବା ଯୋଜନା ପଣ୍ଡ



**ବାଲେଶ୍ୱର,୨୪।୬ :** ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୁଲିସ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରି ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ୪ ରାଉଣ୍ଡ ଜୀବନ୍ତ ଗୁଳି, ଦୁଇଟି ଦେଶୀ ବୋମା, ଖଣ୍ଡା, କଟୁରୀ, କାଠ ବାଡ଼ି ସମେତ ତିନୋଟି ମୋଟରସାଇକେଲ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି।ପୁଲିସ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ସହଦେବଖୁଣ୍ଟା ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ହରିପୁର ଛକ ନିକଟରେ ନିର୍ଭରଯୋଗ୍ୟ ସୂଚନା ପାଇଥିଲା ଯେ, ମାଲଗୋଦାମ ରେଳ ଲାଇନ୍ ନିକଟ ଓଭରବ୍ରିଜ ତଳେ ୫ରୁ ୬ ଜଣ ସଶସ୍ତ୍ର ଅପରାଧୀ ଏକାଠି ହୋଇ ବିଳମ୍ବିତ ରାତିରେ ଟ୍ରେନ୍ ଓ ବସ୍‌ରେ ଆସୁଥିବା ଯାତ୍ରୀଙ୍କୁ ଡକାୟତି କରିବାକୁ ଯୋଜନା କରୁଛନ୍ତି।ଖବର ପାଇବା ପରେ ସହଦେବଖୁଣ୍ଟା ଥାନା ପୁଲିସ ଓ ଡିଏସ୍‌ପି ସିଟିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୁଲିସକୁ ଦେଖି ଅଭିଯୁକ୍ତମାନେ ବିଭିନ୍ନ ଦିଗକୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ସେମାନଙ୍କୁ ଘେରାଉ କରି ୬ ଜଣଙ୍କୁ କାବୁ କରିଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସୂରଜ କୁମାର ମହାନ୍ତି (୨୯), ପ୍ରତୀକ ନାୟକ (୨୩), ଦିବ୍ୟରଞ୍ଜନ ସ୍ୱାଇଁ (୨୪), ଜଣେ ନାବାଳକ, ଦୀପେଶ କୁମାର ଜେନା (୩୯) ଓ ଏସ୍.କେ. କୁରବାନ (୩୭)। ପୁଲିସ ସୂଚନା ଅନୁସାରେ, ନାବାଳକଙ୍କୁ ଛାଡ଼ି ଅନ୍ୟ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ହତ୍ୟା ଉଦ୍ୟମ, ଲୁଟ୍, ଅସ୍ତ୍ର ଆଇନ, ଏନ୍‌ଡିପିଏସ୍ ଆକ୍ଟ ସମେତ ବିଭିନ୍ନ ମାମଲା ରହିଛି।ଏହି ଘଟଣାରେ ସହଦେବଖୁଣ୍ଟା ଥାନାରେ କେସ୍ ନଂ–୨୮୪/୨୦୨୬ ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## କୋଦଲା ଏନଏସି ପକ୍ଷରୁ 'ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ



**ବେଗୁନିଆପଡା, ୨୪।୬ :** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ କୋଦଳା ଏନ ଏ ସି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଦଳା ଏନ ଏ ସି ନଗରପାଳ ସୂର୍ଯ୍ୟ ନାରାୟଣ ନାୟକଙ୍କ ଅଧକ୍ଷତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ଏହି ସରକାରଙ୍କ ସଫଳତାର ଦୁଇ ବର୍ଷର ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରରେ ମୋଦି ସରକାର ଓ ରାଜ୍ୟରେ ମୋହନ ସରକାରଙ୍କ କାର୍ଯ୍ୟାଧାରା ସଫଳତା ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ କୋଦଳା ଏନ ଏ ସି ର ବିକାଶ ଉପରେ ତାଙ୍କର ସହାଭାଗିତା ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। କୋଦଳା ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମରେ କାଉନସିଲର ମଧୁସୂଦନ ଜେନା, ରୀତା ସାହୁ, ସୁମିତ୍ରା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ଅତିଥି ମାନଙ୍କ ଦ୍ୱାରା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ 'ବିକାଶ ଧାରା ଓଡିଶା ସାରା' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଜିଲ୍ଲା ମିଶନ ପ୍ରାବନ୍ଧିକ ଯୋତୀନ୍ଦ୍ର କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ କୋଦଳା ଏନଏସି ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଶେଷରେ ନୂତନ ଭାବେ ଚିହ୍ନିତ ହୋଇଥବା ୩୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯିବା ସଙ୍ଗେସଙ୍ଗେ ୮୦ ଗୋଟି ସ୍ୱୟଂ ସହାୟିକା ମହିଳା ଗ୍ରୁପକୁ ପୁରସ୍କୃତ କରାଯାଇଥିଲା ।

## ବାଲେଶ୍ୱର ରେଳ ଷ୍ଟେସନ ନବୀକରଣ କାର୍ଯ୍ୟର ସମୀକ୍ଷା



**ବାଲେଶ୍ୱର,୨୪।୬:** ବାଲେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟର ଅଗ୍ରଗତି ନେଇ ବୁଧବାର ଦକ୍ଷିଣ ପୂର୍ବ ରେଳର ମହାପ୍ରବନ୍ଧକ, ମଣ୍ଡଳ ରେଳ ପ୍ରବନ୍ଧକ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯାତ୍ରୀମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ସୃଷ୍ଟି, ଷ୍ଟେସନର ସୌନ୍ଦର୍ଯ୍ୟୀକରଣ, ଯାତାୟାତ ବ୍ୟବସ୍ଥାର ଉନ୍ନତି ଏବଂ ଚାଲିଥିବା ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତ୍ୱରିତ ଗତିରେ ସମ୍ପୂର୍ଣ୍ଣ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।ଏହି ଅବସରରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ରେଳ ଭିତ୍ତିଭୂମିରେ ଅଭୂତପୂର୍ବ ବିକାଶ ଘଟୁଛି। ବାଲେଶ୍ୱର ରେଳ ଷ୍ଟେସନର ଏହି ରୂପାନ୍ତରଣ ସହରର ଗୌରବ ବୃଦ୍ଧି କରିବା ସହ ଲକ୍ଷାଧିକ ଯାତ୍ରୀଙ୍କୁ ଅଧିକ ସୁବିଧାଜନକ ଯାତ୍ରା ଅନୁଭୂତି ପ୍ରଦାନ କରିବ। ସେ କହିଥିଲେ ଯେ, ନବୀକରଣ କାର୍ଯ୍ୟ ୨୦୨୭ ମସିହା ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ସମେତ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିକାଶ, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତିକରଣର ସଙ୍ଗମ ହେଲା ହରିଅନ୍ତା ପଞ୍ଚାୟତ

### 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ଶତାଧିକ ଲୋକଙ୍କ ସକ୍ରିୟ ଭାଗୀଦାରୀ

**ଫୁଲନଖରା,୨୪।୬ :** କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟଧାରାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉତ୍ସାହ ଓ ଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ହିତାଧିକାରୀ ଓ ସରକାରୀ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ ଏବଂ ହରିଅନ୍ତା ଗ୍ରାମ ପଞ୍ଚାୟତର ସରପଞ୍ଚ ପଦ୍ମିନୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକଙ୍କ ପ୍ରତିନିଧି ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳର ବିକାଶ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ସେବା ଓ ସାମାଜିକ ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକରୀ କରୁଛନ୍ତି ବୋଲିପ୍ରକାଶ କରିଥିଲେ । ଏହି ଅବସରରେ ନୂତନ ଭାବେ ଚୟନ ହୋଇଥିବା ବହୁ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଭତ୍ତା ପାଇଥିବା ହିତାଧିକାରୀମାନେ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ବେଳେ ଏହା ସେମାନଙ୍କ ଜୀବନଧାରାକୁ ସୁଦୃଢ଼ କରିବ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ସ୍ୱାସ୍ଥ୍ୟ ସେବା ଶିବିର। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କୁନମୁନ୍ ମହାଭୋଇ, ସ୍ୱାସ୍ଥ୍ୟକର୍ମୀ ଜୋତ୍ସ୍ନାମୟୀ ଦାସ, ଲିସା ପ୍ରଧାନ, ଅଶୋକ କୋଦମା ସିଂ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସିଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। ଖନ୍ଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନ୍ମୟୀ ନାୟକ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇପାରିନଥିଲେ ମଧ୍ୟ ବାୟୋ ବନ୍ଦନା କାର୍ଡ ପ୍ରସ୍ତୁତି ପାଇଁ ହିତାଧିକାରୀମାନଙ୍କୁ ସଚେତନ ଓ ପ୍ରୋତ୍ସାହିତ କରିଥିବା ଜଣାପଡ଼ିଛି। ସେହିପରି ସୁଭଦ୍ରା ଶକ୍ତି ସମାବେଶ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ହରିଅନ୍ତା ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘର ସଭାନେତ୍ରୀ କବିତା ସାହୁ ଓ ସମ୍ପାଦିକା ପ୍ରତିମା ଭୋଇଙ୍କ



ନେତୃତ୍ୱରେ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇ ନିଜ ହାତରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଘରୋଇ ଓ ହସ୍ତଶିଳ୍ପ ସାମଗ୍ରୀ ଉପସ୍ଥିତ ଲୋକଙ୍କ ମଧ୍ୟରେ ବେଶ୍ ଆକର୍ଷଣ ସୃଷ୍ଟି କରିଥିଲା ଏବଂ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟିଥିଲା। କାର୍ଯ୍ୟକ୍ରମରେ ଗୌରାଙ୍ଗ ଚରଣ ପ୍ରଧାନ, ବିଜୟ କୁମାର ପ୍ରଧାନ, ସୁଜିତ କୁମାର ଜେନା, ବିନାୟକ ବେହେରା, ବୈଦ୍ୟନାଥ ଜେନା, ଧନେଶ୍ୱର ଖଟୁଆ, ଗଙ୍ଗାଧର ଭୋଇ, ସୁକାନ୍ତ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ବେହେରା, କନୌଜ ସ୍ୱାଇଁ ଓ ଅଶ୍ୱିନୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati